# ଏକକ:୫ ପଠନ

ଟିପ୍ପଣୀ

## ପ୍ରସ୍ତାବନା

୫.୦ ଉପକ୍ରମ

୫.୧ ଶିକ୍ଷଣ ଉଦ୍ଦେଶ୍ୟ

୫.୨ ପଠନ କହିଲେ କ'ଣ ବୁଝ ?

୫.୩ ପଢିବାକୁ ସକ୍ଷମ ହେବା କାହିଁକି ଗୁରୁତ୍ୱପୂର୍ଣ୍ଣ / ପଢିବାକୁ ସକ୍ଷମ ହେବାର ଗୁରୁତ୍ୱ

୫.୪ ପଠନର ଶିକ୍ଷାଦାନ ପଦ୍ଧତି ଓ କୌଶଳ

୫.୪.୧ ପଠନର ସାମ୍ପ୍ରତିକ ଶିକ୍ଷାଦାନ ପଦ୍ଧତି ଓ ସେଥିରେ ଥିବା ତ୍ରୁଟି ବିଚ୍ୟୁତି

୫.୪.୨ ପଠନର ଶିକ୍ଷଣପାଇଁ ସହାୟକ ଉପାଦାନ

୫.୪.୩ ପଠନ ଶିଖାଇବା ପାଇଁ ଆମେ କ'ଣ କରିପାରିବା

୫.୪,୪ ପଠନ ନିମିତ୍ତ କିଛି ଶିକ୍ଷଣ କାର୍ଯ୍ୟ

୫.୫ ପଠନ ଓ ଲିଖନ ମଧ୍ୟରେ ଅନ୍ତର୍ନିହିତ୍ ସଂପର୍କ

୫.୬ ସାରାଂଶ

୫.୩ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୫.୮ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୫.୦ ଉପକ୍ରମ

ଏହି ଏକକରେ ଆମେ ପଠନ କ'ଣ ତାହା ବୁଝିବା ପାଇଁ ଚେଷ୍ଟା କରିବା ବା ଅଧ୍ୟୟନର ସଂଜ୍ଞା ଓ ସ୍ୱରୂପ ସଂବଧରେ ଅବଗତ ହେବା । ପଢ଼ି ଜାଣିଥିବା ଜଣେ ବ୍ୟକ୍ତି ଅଧ୍ୟୟନ ପ୍ରକ୍ରୟାରେ କ'ଣ ସବୁ କରନ୍ତି ତାହା ଜାଣିବା ଏବଂ ପଠନ ପ୍ରକ୍ରୟାରେ କ'ଣ ହୁଏ ତାହାର ପରୀକ୍ଷା ନିରୀକ୍ଷା କରିବା ଆଦିକୁ ବୁଝିବାକୁ ଚେଷ୍ଟା କରିବା । ଆମେ ବି ପଠନ ଶିଖିବାର ଆବଶ୍ୟକତା ଉପରେ ଚିନ୍ତା କରିବା ଓ ପଠନ ଲିଖନ ଭିତରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କରିବା । ପିଲାମାନଙ୍କୁ ପଠନ ଶିଖାଇବା ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ, ସେମାନଙ୍କ ପଠନ ଦକ୍ଷତା ବୃଦ୍ଧିପାଇଁ ଯଥେଷ୍ଟ ସମ୍ଭାବନା ସୃଷ୍ଟି କରିବା ଆମପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

ପଠନ ଶିକ୍ଷଣ ପ୍ରକ୍ରିୟା କିପରି ଅଧିକ ଆଗ୍ରହୋଦ୍ଦୀପକ ହୋଇପାରିବ ଓ ଏଥିରେ ଆଗ୍ରହୋଦ୍ଦୀପକ ପଠନ ବିଷୟ ବସ୍ତୁର ଭୂମିକା ସଂପର୍କରେ ଆମେ ଏହି ଏକକରେ ଆଲୋଚନା କରିବା । ପଠନପ୍ରଣାଳୀ ଶିଖିବା ପାଇଁ କୌଣସି ପୂର୍ବ ନିର୍ଦ୍ଧାରିତ ସୋପାନ ଅଛି ନା ନାହିଁ ? ପିଲା ଧାଡ଼ି ଧାଡି କରି ପଢ଼ିଶିଖେ ନା ବିଷୟ ବସ୍ତୁର ସାମଗ୍ରକତାକୁ ଭିତ୍ତିକରି ପଢ଼େ ? ଏମିତି ଅନେକ ପ୍ରଶ୍ନ ଆଲୋଚନା ବି କରିବା ।

## ୫.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଢ଼ି ସାରିବା ପରେ ଆପଣମାନେ :-

- ଆପଣ ପଠନର ବିସ୍ତୃତ ଅର୍ଥ ବୁଝିବାରେ ସକ୍ଷମ ହେବେ ।
- ପିଲାମାନଙ୍କ ପଠନରେ ଅକ୍ଷମତାର କାରଣ ବୁଝିବେ ।
- ପଠନ ଶିଖିବା ନିମିତ୍ତ ବ୍ୟବହୃତ ପଦ୍ଧତିର ବିଶ୍ଳେଷଣ ଭାଷା ଖଣ୍ଡବିଖଣ୍ଡିତ ନହୋଇ ଏହାର ସାମଗ୍ରିକ ରୂପରେ କେନ୍ଦ୍ର ହେବ, ଏହାକୁ ବୁଝିବେ ।
- ପଠନ ପାଇଁ ସମ୍ଭାବ୍ୟ ପ୍ରକ୍ରିୟା ଗୁଡିକୁ ଚିହ୍ନଟ କରିବେ ।
- ଶ୍ରେଣୀ ପଠନ ଶିକ୍ଷାଦାନ ନିମିତ୍ତ କୌଶଳ ଗୁଡିକର ବ୍ୟବହାର କରିବେ ।
- ପଠନ ଶିକ୍ଷାଦାନ ନିମନ୍ତେ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପଠନ ସାମଗ୍ରୀ ଓ ପ୍ରସଙ୍ଗ ବ୍ୟବହାରର ଗୁରୁତ୍ୱ ପ୍ରକାଶ କରିବେ ।
- ପଠନ ଓ ଲିଖନ ମଧ୍ୟରେ ଥିବା ଅନ୍ତର୍ନିହିତ ସଂପର୍କକୁ ସ୍ପଷ୍ଟ କରିବେ ।

## ୫.୨ ପଠନ କହିଲେ କ'ଣ ବୁଝ ?

ଶିକ୍ଷାର୍ଥୀମାନଙ୍କୁ ପଠନରେ ସାହାଯ୍ୟ କରିବା ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ସବୁଠାରୁ ବଡ଼ ଓ ଜଟିଳ ଆହ୍ୱାନ । ଏହା କଷ୍ଟସାଧ୍ୟ କାରଣ ପାଠନ କୌଶଳ / ଦକ୍ଷତା ଆହରଣ କରିବା ସହଜ ନୁହେଁ । କଥନ ବା ମୌଖିକ ଭାଷା ଶିକ୍ଷାଠାରୁ ଏହା ବହୁତ ଭିନ୍ନ । କାରଣ ବିଦ୍ୟାଳୟକୁ ଆସିବା ଆଗରୁ ପିଲା ବିନା ଉଦ୍ୟମରେ ପାରିପାର୍ଶ୍ୱିକ ପରିବେଶରୁ ସ୍ୱଭାବିକ ଭାବେ କହିଶିଖିଥାଏ । ଏଥିରେ ଅନେକ ଉପକୌଶଳ ଏବଂ ବୌଦ୍ଧିକ ଦକ୍ଷତା ଅଙ୍ଗାଅଙ୍ଗୀ ଜଡ଼ିତ ।

ଟିପ୍ପଣୀ

## ପଠନ

'ପଠନ' କହିଲେ ଆମେ କ'ଣ ବୁଝୁ? ସାଧାରଣ ଶିକ୍ଷକମାନେ ଭାବିଥାନ୍ତି ଯେ ପିଲା ଯଦି ପାଠବହିକୁ ବଡ଼ପାଟିରେ ପଢ଼ିପାରିଲା ତେବେ ଯଥେଷ୍ଟ। ପାଠ ଭିତରେ ବା ବାହାରେ ଥିବା ଅର୍ଥ ବା ଭାବକୁ ସେ ବୁଝିପାରୁଛି କି ନାହିଁ ସେଥିପ୍ରତି ଶିକ୍ଷକ ସେଥିପ୍ରତି ବ୍ୟସ୍ତ ନଥାନ୍ତି।

ପଠନ ହେଉଛି ଏକ ସୃଜନାତ୍ମକ ପ୍ରୟାସ । କାରଣ ପାଠକ ପଢ଼ିଲାବେଳେ କେବଳ ଲିଖିତ ପାଠକୁ ଉଚ୍ଚାରଣ କରିନଥାନ୍ତି, ନିଜ ଅନୁଭୂତି ଓ ଅନୁମାନ ଆଧାରରେ ପାଠନିହିତ ଅର୍ଥ ବା ଭାବକୁ ବି ବୁଝିଥାଆନ୍ତି । ପଢ଼ିଲାବେଳେ ଆମ ଆଖି ପ୍ରତି ଅକ୍ଷର, ପ୍ରତି ବିରାମ ଚିହ୍ନ କିମ୍ବା ପ୍ରତିଟି ଶବ୍ଦ ଉପରେ ପଡ଼େନାହିଁ । ଆମେ ସେମାନଙ୍କ ଉପରେ ଗୋଟି ଗୋଟି କରି ନଜର ପକାଇ ନଥାଉ। ଅର୍ଥାତ୍ ପଢ଼ିଲାବେଳେ ବାକ୍ୟର ପ୍ରତ୍ୟେକ ଅଂଶ ଉପରେ ଦୃଷ୍ଟି ନିକ୍ଷେପ କରିବା ଅନାବଶ୍ୟକ । ଆମେ ଯଦି ବାକ୍ୟର ଏହି ଛୋଟ ଛୋଟ ଅଂଶ ଯଥା ଅକ୍ଷର, ବିରାମଚିହ୍ନ, ଶବ୍ଦ ସବୁ ମନେରଖି ପଢୁଥାଆନ୍ତେ ତେବେ ପଢିବାଟା ଆମ ପାଇଁ ବୋଝ ଓ ବିରକ୍ତିକରବୋଧ ହୁଅନ୍ତା। ଯାହାସବୁ ପଢୁଛେ, ସେସବୁ ବୁଝିହୁଅନ୍ତା ନାହିଁ । ଦୀର୍ଘ ଓ ଜଟିଳ ଲେଖା ଦୂରେ ଥାଉ, ସଂକ୍ଷିପ୍ତ ସମ୍ବାଦଟିଏ ପଢ଼ିବା କାଠିକର ପାଠ ହୋଇ ପଡ଼ନ୍ତା । ସହଜରେ ଶିଘ୍ର ପଢ଼ିପାରୁଥିବା ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ଅକ୍ଷର ଶବ୍ଦ ଏପରିକି ବାକ୍ୟର ଗଠନ ଆକୃତି ଉପରେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ । ବାସ୍ତବରେ ସେ ପୂର୍ଣ୍ଣ ଭାବ ବା ଅର୍ଥବହନ କରୁଥିବା ବାକ୍ୟାଂଶ ମାନଙ୍କୁ ଗୋଟିକ ପରେ ଗୋଟିଏ ପଢ଼ିଚାଲନ୍ତି। ପଢ଼ା ସମୟରେ ତାଙ୍କ ଚକ୍ଷୁ ସବୁବେଳେ ପଛରୁ ଆଗକୁ ଓ ଉପରୁ ତଳକୁ ମାଡ଼ି ଚାଲିଥାଏ । ଏପରି ଏକ ଭାବବୋଧକ ବାକ୍ୟାଂଶ ଉପରେ ଦୃଷ୍ଟି ନିବଦ୍ଧ ହେବା ପୂର୍ବରୁ ତାକୁ ବୁଝିହୁଏ; ଗୋଟି ଗୋଟି କରି ପଢ଼ିବା ଆବଶ୍ୟକ ହୁଏନା। ଯେଉଁଠି ବୁଝିହୁଏ ନାହିଁ ସେଠି ଆଖି ଅଟକି ଯାଏ । ପଛକୁ ଫେରି ଅର୍ଥ ଅନୁସନ୍ଧାନ କରିବାକୁ ପଡ଼ିଥାଏ । ଉଦ୍ଦିଷ୍ଟ ଅର୍ଥ ପାଇଗଲେ ପଢ଼ା ଆଗକୁ ଚାଲେ। ତଳେ ପଠନ ପ୍ରକ୍ରିୟା ଉପରେ କିଛି ତଥ୍ୟ ଉପସ୍ଥାପନ କରାଗଲା । ଆଶା, ସେଗୁଡ଼ିକୁ ଅନୁଧ୍ୟାନ କଲାପରେ ପଠନର ସଂଜ୍ଞା ଓ ସ୍ୱରୂପ ଉପରେ ସମ୍ୟକ୍ ଧାରଣା କରି ହେବ ।

- ଲିଖିତ ପାଠର ଅର୍ଥ ବୁଝିବା ବା ଭାବ ଗ୍ରହଣ କରିବା ପ୍ରକ୍ରିୟା ହେଉଛି ପଠନ ।
- ଲିଖିତ ପାଠର ଧାରଣା ଓ ସଂଯୁକ୍ତ ଭାବନାଗୁଡ଼ିକୁ ଗଠନ କରି ଏଗୁଡ଼ିକ ମନରେ ସାଇତି ରଖିବାକୁ ପଠନ ସକ୍ଷମ କରେ।
- ଲିଖିତ ପାଠକୁ ବୁଝିବା ଓ ଏହାର ଯୁକ୍ତିଯୁକ୍ତତା ଓ ପରିସରକୁ ଅନୁଧ୍ୟାନ କରିବାରେ ପଠନ ସକ୍ଷମ କରାଏ।
- ପଠନ କହିଲେ କେବଳ ଅକ୍ଷର ଚହ୍ନିବା କିମ୍ବା ଶବ୍ଦ ଓ ବାକ୍ୟକୁ ବଡ଼ପାଟିରେ ଉଚ୍ଚାରଣ କରିବା ନୁହେଁ; ଏହି ପ୍ରକ୍ରିୟାରେ ଆହୁରି ଅନେକ କିଛି ନିହିତ ରହିଛି। ଉଦାହରଣ ସ୍ୱରୂପ ଏହାର ଅର୍ଥ ହେଉଛି ଯାହା ଲେଖାଯାଇଛି ତାକୁ ବୁଝିବା ଓ ଏହି ଆଧାରରେ ନିଜର ଜ୍ଞାନ ସଂରଚନା ଏବଂ ଅନୁମାନଭିତ୍ତିକ କର୍ମଯୋଜନା ସୃଷ୍ଟି କରିବା।
- ଶବ୍ଦଉଚ୍ଚାରଣ ପଠନ ନୁହେଁ। ପଠନ ହେଉଛି ପାଠ ବିଷୟ (ଲେଖକ) ସହିତ ଆଳାପ ଆଲୋଚନା

କରିବା, ଭାବ ବୁଝିପାରିବା ଓ ଏହି ଭାବ, ଭାବନାକୁ ନିଜ ଅନୁଭୂତି ଓ ଧାରଣ ସଂରଚନାରେ ସାମିଲ୍ କରିବା ।

ଟିପ୍ପଣୀ

- ପଠନ ଏକ ସାମଗ୍ରିକ ପଦ୍ଧତି । ଅକ୍ଷର ମାନଙ୍କ ଆକୃତି, ସେମାନଙ୍କ ଉଚ୍ଚାରଣପାଇଁ ଉଦ୍ଦିଷ୍ଟ ଧ୍ୱନି ସମୂହ; ବାକ୍ୟଗଠନ ପଦ୍ଧତି; ଶବ୍ଦ ଓ ବାକ୍ୟ ମାନଙ୍କର ଅର୍ଥ ଏବଂ ପାଠକର ଆଶା ଓ ଅନୁମାନ କରିପାରିବାର ସାମର୍ଥ୍ୟ ଏସବୁର ସମ୍ମିଳିତ ପ୍ରକ୍ରିୟା ହିଁ ପଠନ ।
- ପଠନର ମୁଖ୍ୟ ପ୍ରକ୍ରିୟା ହେଲା, ଭାଷାର ଲେଖାରୂପକୁ ଚିହ୍ନିବା ଓ ସେଥିରେ ପ୍ରକାଶିତ ଭାବ ବା ଅର୍ଥକୁ ଗ୍ରହଣ କରିବା ।

ସୁତରାଂ, ପଠନ ହେଉଛି ଏକ କାର୍ଯ୍ୟକ୍ଷମତାଗୁଚ୍ଛ ଯାହା ଭାଷାର ଲେଖାରୂପ ଓ ଛପାରୂପ ଏବଂ ସେଥିରେ ପ୍ରକାଶିତ ଭାବମାନଙ୍କର ସମ୍ପର୍କ ସେତୁ ଭାବେ କାମ କରିଥାଏ । ପଠନ କ୍ଷମତାରେ ମୁଖ୍ୟ ଆକର୍ଷଣ ବିନ୍ଦୁ ହେଉଛି ସଂଜ୍ଞା ବା ଅର୍ଥ । ପଠନର ଅର୍ଥ ହେଉଛି ପଢ଼ିବା ଓ ବୁଝିବା ।




### ନିଜ ପ୍ରଗତିକୁ ପରିଖି ଦେଖ - ୧

୧. ପଠନ କ୍ଷମତା ଉପରେ କେତେକ ତଥ୍ୟ ତଳେ ଦିଆଯାଉଛି ।

ଯେଉଁ ଉକ୍ତିଟି ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ତା' ଶେଷରେ ଠିକ୍ ଚିହ୍ନ ( ✔ ) ଦିଅ ।

(କ) ଲିଖିତ ପାଠର ଭାବ ଓ ଅର୍ଥ ଗ୍ରହଣ କରିବା ।

(ଖ) ପାଠର ପ୍ରତିଶବ୍ଦକୁ ପଢ଼ିବା ।

(ଗ) ବଡ଼ପାଟିରେ ଅନର୍ଗଳ ପଢ଼ିବା ।

(ଘ) ବିରାମଚିହ୍ନ ଉପରେ ଗୁରୁତ୍ୱ ଦେବା ।

୨. ପଠନ ଅନ୍ତର୍ଭୁକ୍ତ ବିଭିନ୍ନ ଦିଗଗୁଡ଼ିକ କ'ଣ ଉଲ୍ଲେଖ କର ।

ଉତ୍ତର: ______________________________

______________________________

______________________________

୩. ପଠନ ହେଉଛି ଏକ ସୃଜନାତ୍ମକ ପ୍ରୟାସ କିପରି ?

ଉତ୍ତର: ______________________________

______________________________

______________________________

## ୫.୩ ପଢିବାକୁ ସକ୍ଷମହେବାର ଗୁରୁତ୍ୱ / ପଢିବାକୁ ସକ୍ଷମହେବା କାହିଁକି ଗୁରୁତ୍ୱପୂର୍ଣ୍ଣ

ମୋଟାମୋଟି ଭାବେ ଆମେ ଜାଣୁ ଯେ, ବିନା ପୁସ୍ତକରେ ଜ୍ଞାନ ସଂରଚନା ସଂଭବ । ଯେତେବେଳେ ଛାପାଖାନା ନଥିଲା, ଲୋକମାନେ ଲେଖି ପଢ଼ି ଜାଣି ନଥିଲେ କି ବହିର ପ୍ରଚଳନ ହୋଇ ନଥିଲା ସେ ସମୟରେ ବି ସମାଜରେ ଜ୍ଞାନ, ସଂସ୍କୃତି ଓ ପରଂପରାର ବିନିମୟ ହୋଇପାରୁଥିଲା । ଏପରିକି ଆଜିକାଲି ଅନେକ ସମାଜରେ କଦର୍ଥ ଭାଷାରେ ଏସବୁ ସଂପାଦିତ ହେଉଛି । ତେବେ ଲିପି ଓ ମୁଦ୍ରଣ ଶିଳ୍ପର ବିକାଶ ଯୋଗୁ ଜ୍ଞାନ ବିକାଶ ତଥା ଆଦାନପ୍ରଦାନ ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଛି । ଆଜିର ପୃଥିବୀରେ ପୁସ୍ତକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ପଢ଼ିଲେଖି ଶିଖିବା ଜରୁରୀ ହୋଇ ପଡ଼ିଛି । ପଢ଼ି ବୁଝିପାରିଲେ ଆମ ବ୍ୟକ୍ତିତ୍ୱର ବିକାଶ ଘଟେ, ଆତ୍ମବିଶ୍ୱାସ ବଢ଼େ । ପଠନ କ୍ଷମତା ଆମକୁ ଆମ ଚତୁଃପାର୍ଶ୍ୱରେ ଥିବା ବାସ୍ତବ ଦୁନିଆର

ଟିପ୍ପଣୀ

ନିକଟତର କରାଏ, ସୁଦୂର ସ୍ଥାନରେ ପହଞ୍ଚାଇଦିଏ । ସାହିତ୍ୟ ହେଉଛି ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ମତରେ ପଠନର ଅର୍ଥ ହେଉଛି ଜୀବନର ବିଭିନ୍ନ ଦିଗ ଓ ବୈଚିତ୍ର୍ୟକୁ ହୃଦୟଙ୍ଗମ କରିବା । ଆମର ନିଜସ୍ୱ ଅନୁଭୂତି ନିର୍ଦ୍ଦିଷ୍ଟ ଚୌହଦୀରେ ସୀମିତ କିନ୍ତୁ ପୁସ୍ତକ ଅଧ୍ୟୟନ ଦ୍ୱାରା ସେସବୁ ଅସୀମତାକୁ ଛୁଏଁ ।

ସଂକ୍ଷେପରେ କହିବାକୁ ଗଲେ, ପଠନ କ୍ଷମତା ଆମକୁ ଜ୍ଞାନବୃଦ୍ଧିରେ ସହାୟକ ହୋଇଥାଏ। ଏହା ପାଠକର ଚିନ୍ତା ଜଗତକୁ ପ୍ରଶସ୍ତ କରେ; ଧାରଣାକୁ ଯୁକ୍ତିସଂଗତ ଗ୍ରହଣଶୀଳ କରାଏ । ଏହା ମଧ୍ୟ ବ୍ୟକ୍ତିକୁ ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ ଥିବା ବହୁ ବିସ୍ତୀର୍ଣ୍ଣ ସାମାଜିକ, ସାଂସ୍କୃତିକ ଓ ମୁକ୍ତ ପରିବେଶର ପୃଥିବୀକୁ ନେଇଯାଏ।

## ୫.୪ ପଠନର ଶିକ୍ଷାଦାନ ପଦ୍ଧତି ଓ କୌଶଳ

ପିଲାମାନଙ୍କୁ ପଠନ କୌଶଳ ଶିଖାଇବା ସାଧାରଣତଃ ଶିକ୍ଷକ ମାନଙ୍କ ପାଇଁ ଏକ କଷ୍ଟସାଧ୍ୟ କାମ। କାରଣ ଏଥିପାଇଁ କୌଣସି ସହଜ ଓ ନିଶ୍ଚିତ ସଫଳ ପଦ୍ଧତି ନାହିଁ । ପ୍ରସ୍ତାବିତ ପ୍ରତ୍ୟେକ ପଦ୍ଧତିର କିଛି ନା କିଛି ଦୁର୍ବଳତା ରହିଛି । ପିଲାଙ୍କ ପାଇଁ କେଉଁ ଉପାୟ ଉପଯୋଗୀ ହେବ ଶିକ୍ଷକଙ୍କ ବ୍ୟତୀତ ଅନ୍ୟକେହି ବି କହି ପାରିବେ ନାହିଁ । ଏ ଅସୁବିଧା ସତ୍ତ୍ୱେ, ଥରେ ଶିଖିଗଲେ, ପଠନ ଅତିମାତ୍ରାରେ ଶକ୍ତି ସଂଚାରକ ପ୍ରୟାସରେ ପରିଣତ ହୋଇଯାଏ ଓ ପିଲା ଜୀବନବ୍ୟାପୀ ଏହି କୌଶଳ ପ୍ରୟୋଗ କରିଚାଲେ । ଆମେ ଯଦି ପଠନ ଓ ପୁସ୍ତକ ଉପରେ ପିଲାର ଆଗ୍ରହ ସୃଷ୍ଟି କରି ପାରିବା, ସେ କେତେ ପଢ଼ିବ, କେତେ ଜ୍ଞାନ ବୃଦ୍ଧି କରିବ ତାହାର ସୀମା ରହିବ ନାହିଁ।

ପ୍ରଶ୍ନ ହେଉଛି: ଆମେ କିପରି ପିଲାଙ୍କୁ ପଢ଼ିଶିଖାଇବା? ଆମେ ଯଦି ଆମ ଚତୁଃପାର୍ଶ୍ୱ ରେ ନଜର ପକେଇବା ଏବଂ କ'ଣ ସବୁ ଏଥିପାଇଁ ଅଛି ତାହା ଅନୁଶୀଳନ କରିବା ତେବେ ଅସଫଳତା ହିଁ ଆମ ଦୃଷ୍ଟିକୁ ଆସିବ । ଏହାର କାରଣ କ'ଣ? ପ୍ରତିବର୍ଷ ଅପରିମିତ ସଂଖ୍ୟାର ପିଲା ପଢ଼ିଶିଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ସହଜରେ ପଢ଼ି ପାରୁନାହାନ୍ତି । ଅନେକ ପିଲା ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି କିନ୍ତୁ ପଠନ ସେମାନଙ୍କ ପାଇଁ ଆଗ୍ରହଜନକ ହୋଇ ପାରୁନାହିଁ । ଅନୁପଯୋଗୀ ଶିକ୍ଷାଦାନ ପଦ୍ଧତି ହିଁ ଏହି ଅସଫଳତାପାଇଁ କିଛି ପରିମାଣରେ ଦାୟୀ ।

କେଉଁ କୌଶଳ ଗୁଡିକ ପଢ଼ିବା ପାଇଁ ପିଲାର ଆଗ୍ରହ ସୃଷ୍ଟି କରିବ, ଏକଥା କୌଣସି ଶିକ୍ଷକଙ୍କୁ କହିବା ଅନାବଶ୍ୟକ । ତେବେ ଏହାବି ସମ୍ଭବ ଯେ ପଠନ ଦକ୍ଷତାରେ କେଉଁ କେଉଁ କୌଶଳ ନିହିତ ଓ କିପରି ଏହା ବିକାଶ କରାଯାଇ ପାରିବ ଏ ସମ୍ପର୍କରେ ଟିକିନିଖି ତଥ୍ୟ ଶିକ୍ଷକମାନେ ଦେଇନ ପାରନ୍ତି । କିନ୍ତୁ ଅଧିକାଂଶ ଶିକ୍ଷକଙ୍କର ପଠନକୌଶଳ ସମ୍ବନ୍ଧିୟ ସ୍ଥୁଳ ଧାରଣା ଅଛି । ଏହା ଜାଣିବା ନିତାନ୍ତ ଆବଶ୍ୟକ ଯେ ପିଲା ପଢ଼ି ବୁଝିପାରିବା ଅର୍ଥାତ୍ ଯାହା ପଢୁଛି ତାକୁ ତା'ର ଅତୀତ ଅଭିଜ୍ଞତା ସହିତ ଯୋଡ଼ିପାରିବା ପର୍ଯ୍ୟନ୍ତ ଆମେ କହି ପାରିବା ନାହିଁ ଯେ ତା' ପଠନ ଦକ୍ଷତାର ପୂର୍ଣ୍ଣ ବିକାଶ ଘଟିଛି । ଏଇ ପରିପ୍ରେକ୍ଷୀରେ ବିଚାର କଲେ ପଠନ ହେଉଛି ଲିଖିତ ଅଥବା ମୁଦ୍ରିତ ପାଠରେ ସନ୍ନିବେଶିତ ଅର୍ଥର ଅନୁସନ୍ଧାନ ପ୍ରକ୍ରିୟା । ଉଦ୍ଦିଷ୍ଟ ଅର୍ଥ ପାଇବା ପାଇଁ ପାଠ ଅନ୍ତର୍ଭୁକ୍ତ ଶବ୍ଦ ଓ ପଂକ୍ତି ମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଅନୁଶୀଳନ ଏକାନ୍ତ ଆବଶ୍ୟକ ।

## ପଠନ

ଆମେ ଯଦି ପଠନର ଉପରୋକ୍ତ ସଂଜ୍ଞାକୁ ଗ୍ରହଣ କରିବା ତେବେ ଆମ ପ୍ରାଥମିକ ବିଦ୍ୟାଳୟରେ ଔପଚାରିକ ତଥା ଅନୌପଚାରିକ ଭାବେ ପ୍ରଚଳିତ ସମସ୍ତ ପଦ୍ଧତି ଅନୁପଯୁକ୍ତ ମନେହେବେ। ଉଦାହରଣ ସ୍ୱରୂପ ଆମର ପୂର୍ବ ଆଲୋଚନା ଅନୁଯାୟୀ ଅକ୍ଷରମାନଙ୍କୁ ବଡ଼ପାଟିରେ ପଢ଼ିବା, ବର୍ଣ୍ଣମାଳର ଅକ୍ଷରସବୁ ଘୋଷି ମୁଖସ୍ଥ କରିବା, ଅର୍ଥ ନ ବୁଝି ଗପକୁ ବାରମ୍ବାର କହିବା, ଅଥବା ଭାବ ଗ୍ରହଣ ନକରି ପାଠର ସରବ ପଠନ କରିବା ଇତ୍ୟାଦି ଉତ୍ତମ ଅଧ୍ୟୟନ କୌଶଳ ନୁହେଁ। ଏପରି ପ୍ରଣାଳୀରେ ଲିଖିତ ପାଠ ସହିତ କୌଣସି ଅର୍ଥ ଯୋଡ଼ିନଥାଉ। ଅନେକ ବିଦ୍ୟାଳୟରେ ଏବେବି 'a' କୁ 'Apple' ସହିତ ଏବଂ 'C' କୁ 'Cat' ସହିତ ଯୋଡ଼ିଦିଆଯାଉଛି। ଏହାଫଳରେ ପିଲା 'a' କୁ 'c' ବୋଲି ପଢ଼େ । ସେହିପରି ଗପର ପ୍ରତ୍ୟେକ ଶବ୍ଦକୁ ଗୋଟି ଗୋଟି କରି ପଢ଼ିଲେ, ଆମେ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ପାଇ ପାରିବା ନାହିଁ । ଅର୍ଥାତ୍ କାହାଣୀର ବିଷୟବସ୍ତୁ ସହିତ ଏହି ଗୋଟି ଗୋଟି କରି ପଢ଼ିଥିବା ଶବ୍ଦମାନଙ୍କ ସମ୍ପର୍କ ଯୋଡ଼ିବା ସହଜ ହେବନି । କେତେକଙ୍କ ମତରେ ଏପରି କ୍ରିୟାକଳାପ ଅର୍ଥ ଗ୍ରହଣ କରିବାରେ କାଳକ୍ରମେ ସହାଯ୍ୟ କରିବ । ଏପରି ମତାମତ ଆଂଶିକ ଭାବେ ସତ ହୋଇପାରେ । ଏହା ସମ୍ଭବ ହୋଇପାରେ ଯଦି ପିଲା ବିଦ୍ୟାଳୟରେ ଦୀର୍ଘକାଳ ରହେ ଏବଂ ଅର୍ଥପାଇଁ ପଢ଼ିବା ନିମିତ୍ତ ଯଥେଷ୍ଟ ସୁଯୋଗ ପାଏ । ଆମକୁ ସେହି ପିଲାଙ୍କ କଥା ଭାବିବାକୁ ହେବ ଯେଉଁ ମାନେ ଅକ୍ଷର ଓ ଶବ୍ଦକୁ ବାରମ୍ବାର ଲେଖିଲେ କିମ୍ବା ସେଗୁଡ଼ିକୁ ବାରମ୍ବାର ବଡ଼ପାଟିରେ ପଢ଼ିଲେ ବିରକ୍ତ ଓ କ୍ଲାନ୍ତ ହୋଇ ପଡ଼ନ୍ତି । ସେମାନେ ନିରୁତ୍ସାହିତ ହୋଇ ପଢ଼ିବା ଛାଡି ଦିଅନ୍ତି । ସେମାନଙ୍କୁ ଫେରାଇ ଆଣିବା ସମ୍ଭବ ହୁଏ ନାହିଁ । ଏହି କଷ୍ଟସାଧ୍ୟ କାମ ହୁଏତ ଅଳ୍ପ କିଛି ପିଲାଙ୍କୁ ଆଗକୁ ନେଇପାରେ । ଆମକୁ ଜାଣିବାକୁ ହେବ ଯେ ଏହି ପଠନ ଶିକ୍ଷାଦାନ ପଦ୍ଧତି ଅତି ବିରକ୍ତିକର ଓ ଏହାର ଫଳାଫଳ ଶୂନ । ଏହି କାରଣରୁ ଅନେକ ପିଲା ପ୍ରାଥମିକ ଶିକ୍ଷା ଶେଷ କରିବା ପୂର୍ବରୁ ବିଦ୍ୟାଳୟ ଛାଡ଼ି ଦିଅନ୍ତି ।

ଟିପ୍ପଣୀ

ଟିପ୍ପଣୀ

**ନିଜ ପ୍ରଗତିକୁ ପରିଖି ଦେଖ - ୨**

୧. ଆମେ କିପରି ପଠନ ପ୍ରତି ପିଲାର ଆଗ୍ରହ ସୃଷ୍ଟି କରି ପାରିବା ?

(ଠିକ୍ ଉତ୍ତର ଶେଷରେ ଠିକ୍ ଚିହ୍ନ ( ✔ ) ଦିଅ ।)

(କ) ପାଠ୍ୟପୁସ୍ତକ ବ୍ୟବହାର କରି ।

(ଖ) ବର୍ଣ୍ଣମାଳାର ଅକ୍ଷର ଗୁଡ଼ିକୁ ଘୋଷି ମୁଖସ୍ଥ କରି ।

(ଗ) ଆଗ୍ରହୋଦ୍ଦୀପକ ପଠନ ପ୍ରକ୍ରିୟା ବ୍ୟବହାର କରି ।

(ଘ) ଘୋଷି ଘୋଷି ଗପ ଗୁଡ଼ିକୁ ମନେରଖି ।

୨. ପଠନ ପ୍ରକ୍ରିୟାରେ ଧ୍ୱନି ଦକ୍ଷତା ସହିତ ତୁମେ ଆଉ କ'ଣ ଯୋଡ଼ିପାରନ୍ତ ?

ଉତ୍ତର: ______________________________

______________________________

______________________________

୩. ପ୍ରାଥମିକ ଶିକ୍ଷା ଶେଷ ହେବା ଆଗରୁ କାହିଁ ଅନେକ ପିଲା ସ୍କୁଲ୍ ଛାଡ଼ି ଦିଅନ୍ତି ?

ଉତ୍ତର: ______________________________

______________________________

______________________________

## ୫.୪.୧. ପଠନ କୌଶଳ ଶିକ୍ଷାନିମିତ୍ତ ସାମ୍ପ୍ରତିକ ପଦ୍ଧତି ଏବଂ ସେଥିରେ ଥିବା ତ୍ରୁଟି ବିଚ୍ୟୁତି

ଆମ ବିଦ୍ୟାଳୟମାନଙ୍କରେ ପ୍ରଚଳିତ ପଠନ କୌଶଳ ଶିକ୍ଷାଦାନ ପଦ୍ଧତି ଗୁଡ଼ିକ ପଠନ ପ୍ରଣାଳୀର ମୂଳ ସୂତ୍ରରୁ ବିଚ୍ଛିନ୍ନ ହେଲାପରି ମନେହୁଏ । ପିଲାମାନଙ୍କ ପାଇଁ ଅନ୍ତତଃପକ୍ଷେ କୌଣସି ଗୋଟିଏ ପଦ୍ଧତିର ସୁବୋଧ୍ୟ କିମ୍ବା ସହଜ ସାଧ ନୁହେଁ । ଆମ ବିଦ୍ୟାଳୟମାନଙ୍କରେ ବହୁ ମାତ୍ରାରେ ବ୍ୟବହାର କରାଯାଉଥିବା କିଛି ପଦ୍ଧତି ନିମ୍ନରେ ଉଲ୍ଲେଖ କରାଗଲା ଏଗୁଡିକ ପିଲାଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ସେମାନଙ୍କୁ ବେଶୀ ଅସୁବିଧାରେ ପକାଉଛି । ଏହି ଲୋକପ୍ରିୟ ପାରମ୍ପରିକ ପଦ୍ଧତିର କାର୍ଯ୍ୟକାରୀତା ବା ସଫଳତା ନେଇ ଆମେ ସନ୍ଦୀହାନ । ବାସ୍ତବ କ୍ଷେତ୍ରରେ ଏହା ପିଲାମାନଙ୍କୁ ସାହାଯ୍ୟ କରେ ନାହିଁ କହିହେବନି ।

## ପଠନ

ଟିପ୍ପଣୀ

- **ଦ୍ରୁତ ପଠନର ନିୟମ ଜାଣିବା ।**

ଏହା ଏକ ଅଦରକାରୀ ପ୍ରୟାସ । କାରଣ ପ୍ରକୃତରେ କହିବାକୁ ଗଲେ ପଠନ ପାଇଁ ସେମିତି କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ । ସେମାନଙ୍କ ଭିତରୁ ଅନ୍ତତଃପକ୍ଷେ କୌଣସି ନିୟମ ପିଲାଙ୍କ ପାଇଁ ବୋଧଗମ୍ୟ ବା ସହଜସାଧ୍ୟ ନୁହେଁ । ପ୍ରତ୍ୟେକ କୁଶଳୀ ପାଠକ ସ୍ୱକୀୟ ପ୍ରୟାସରୁ ଆପଣା ପଠନ ଦକ୍ଷତାର ବିକାଶ କରିଥାନ୍ତି । ଏ କୌଶଳ ବା ପ୍ରଣାଳୀ ତାଙ୍କୁ କେହି ବତାଇ ଦେଇ ନଥାଏ । ଏହି ପ୍ରଣାଳୀ ପିଲାର ମୌଖିକ ଭାଷାଶିକ୍ଷା ପ୍ରଣାଳୀ ସହିତ ସମାନ। ଭାଷାର ଉଚ୍ଚାରଣ ଓ ଭାବ ବା ଅର୍ଥଗ୍ରହଣ ନିୟମ ପିଲା ନିଜେନିଜେ ତିଆରି କରିଥାଏ। ଏଥିପାଇଁ ତାକୁ ଅନୁଷ୍ଠାନିକ ଭାବେ କୌଣସି ନୀତିନିୟମ ଶିଖାଯାଇ ନଥାଏ । ବ୍ୟାକରଣ ଶିକ୍ଷାଦାନ ପିଲାମାନଙ୍କ କଥନଦକ୍ଷତା ବିକାଶ କରେ ବୋଲି କୌଣସି ପ୍ରମାଣ ନାହିଁ । ଏମିତି ବି କୌଣସି ପ୍ରମାଣ ନାହିଁ ଯେଉଁଥିରୁ ଜାଣିବାକୁ ମିଳେଯେ ଉଚ୍ଚାରଣ ଅଭ୍ୟାସ କିମ୍ବା ଅଣପଠନମୂଳକ ଦର କାର୍ଯ୍ୟ ପଠନ ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାଏ।

ସାଧାରଣ ଭାବରେ ଯାହା ପଠନ-ନିୟମ ରୂପେ ପରିଚିତ, ସେସବୁ ପଠନ ପ୍ରକ୍ରିୟାର ପାରମ୍ପାରିକ ସୋପାନ ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା କିଛି ନିର୍ଦ୍ଦେଶାବଳୀ ମାତ୍ର । ସୂତ୍ର ମୁଖସ୍ଥ କରିବା ପଠନ ଦକ୍ଷତା ନୁହେଁ । ପଠନ ପ୍ରୟାସରେ ନିମଜ୍ଜିତ ରହିଲେହିଁ ପିଲାମାନେ ପଢ଼ିଶିଖନ୍ତି ।

- **ପଠନ ନିମିତ୍ତ ପିଲାକୁ ଉଚ୍ଚାରଣ ନିୟମକୁ ମନେରଖିବା ଓ ଅନୁସରଣ କରିବାକୁ ହେବ।**

ଅନେକଙ୍କ ମତରେ ଧ୍ୱନିକୁ ଏହାର ସଂପୃକ୍ତ ସାଙ୍କେତିକ ଉପସ୍ଥାପନ ସହ ସଂଯୋଗୀକରଣରୁ ହିଁ ପଠନ ଦକ୍ଷତା ସୃଷ୍ଟି ହୋଇଥାଏ । ତେବେ ଆମେ ଜାଣୁଯେ ପାଠ ଉଚ୍ଚାରଣରେ ପଠନ ଆରମ୍ଭ ହୁଏ ନାହିଁ କି ଶେଷ ହୁଏ ନାହିଁ । ଶବ୍ଦଟିଏ ଉଚ୍ଚାରଣ କରିବା ଆଗରୁ ଆମକୁ ତା'ଅର୍ଥ ବୁଝିନେବାକୁ ପଡ଼ିବ। କାରଣ ଶବ୍ଦଟିକୁ ନଜାଣିଲେ ଆମେ ଏହାକୁ ଉଚ୍ଚାରଣ କରିପାରିବା ନାହିଁ । ଲିପିକୁ ଧ୍ୱନିରୂପ ଦେବା କେବଳ ଅଦରକାରୀ ନୁହେଁ, ଅପଚେଷ୍ଟା ମଧ୍ୟ। ଆମେ ଯଦି ଯତ୍ନ ସହକାରେ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହୋଇଯାଏ ଯେ ପ୍ରଣାଳୀ ଅର୍ଥବୁଝିବାରେ ସହାୟକ ହୁଏନାହିଁ। ବରଂ ଏହା ପାଠକକୁ ଭାବଗ୍ରହଣ ପ୍ରକ୍ରିୟାଠାରୁ ଦୂରେଇ ଦିଏ । ଏସବୁ ସତ୍ତ୍ୱେ ପୁଣି ଅନେକ ସମୟରେ ଯୁକ୍ତିଦର୍ଶାଯାଇଥାଏ ଯେ ପିଲାମାନଙ୍କୁ ଶବ୍ଦରେ ଥିବା ଅକ୍ଷର ଅନୁସାରେ ଗୋଟିଗୋଟି ଉଚ୍ଚାରଣ ଶିଖିବାକୁ ପଡ଼ିବ ନଚେତ୍ ପୂର୍ବରୁ ଦେଖିନଥିବା ଶବ୍ଦକୁ ଚିହ୍ନି ପାରିବେ ନାହିଁ ।

- **ଏକା ଥରେକ ଗୋଟିଏ ଅକ୍ଷର ବା ଗୋଟିଏ ଶବ୍ଦ ପଢ଼େଇବା ଉପରେ ଗୁରୁତ୍ୱ।**

ଅନ୍ୟଏକ ବହୁ ପ୍ରଚଳିତ ବିଶ୍ୱାସ ହେଉଛି କେତେକ ପିଲାଙ୍କୁ ଜିନିଷମାନଙ୍କର ନାମ, କେତେକ ଅକ୍ଷର ଓ ଶବ୍ଦ ଶିଖିବା କଷ୍ଟକର ହୁଏ । ଏ କ୍ଷେତ୍ରରେ ପୁନରାବୃତ୍ତି ବା ବାରମ୍ବାର ଅଭ୍ୟାସ କେବଳ ଏକ ମାତ୍ର ପନ୍ଥା ବୋଲି ପରାମର୍ଶ ଦିଆଯାଏ । ଏହା ଶିକ୍ଷଣ ପଦ୍ଧତିର

ଟିପ୍ପଣୀ

ଅତ୍ୟନ୍ତ ଭ୍ରମାତ୍ମକ ଧାରଣା । ପିଲାମାନେ ତାଙ୍କ ଜୀବନର ପ୍ରଥମ ୫-୬ ବର୍ଷ ଭିତରେ ପ୍ରାୟ ଏକହଜାର ଶବ୍ଦ ଶିଖିଥାନ୍ତି । ଏମାନଙ୍କ ମଧ୍ୟରୁ ଅନେକ ନାମବାଚକ ଶବ୍ଦ । ମାତ୍ର ଗୋଟିଏ ଥର ଚେଷ୍ଟାରେ ସେଗୁଡ଼ିକ ଶିଖି ହୋଇଯାଏ ।

ଯେଉଁ ପ୍ରଣାଳୀରେ ପିଲାମାନେ ଶ୍ରେଣୀ ବା ସେଟ୍ ବର୍ଗୀ କରଣ ଶିଖନ୍ତି, ତାହା ସଂପୂର୍ଣ୍ଣ ଭାବରେ ଶିକ୍ଷାମୂଳକ । ନାମବାଚକ ଶବ୍ଦ ବ୍ୟବହୃତ ହୋଇଥିବା ବୈଶିଷ୍ଟ୍ୟ ବା ଲକ୍ଷଣ ଚିହ୍ନନ୍ତି । ଏହି ନାମଗତ ବୈଶିଷ୍ଟ୍ୟ ସେମାନଙ୍କୁ ଭବିଷ୍ୟତରେ ଚିହ୍ନିବା ପାଇଁ ସହାଯ୍ୟ କରିଥାଏ । ଗୋଟିଏ ଧାରଣାକୁ ବୁଝିବା ପାଇଁ ସେମାନେ ତଥ୍ୟଭିତ୍ତିକ ପରିକଳ୍ପନା ବା ଅନୁମାନ କରିନିଅନ୍ତି । ବାରମ୍ବାର ଏହାର ପରୀକ୍ଷାନିରୀକ୍ଷା କରନ୍ତି, ପରିବର୍ତ୍ତନ ବି କରିଥାନ୍ତି । ସେମାନଙ୍କ ତ୍ରୁଟିବିଚ୍ୟୁତି ମାଧ୍ୟମରେ ଆମେ ସେମାନଙ୍କ ପ୍ରଗତି ଓ ପରିକଳ୍ପନା ବୁଝିପାରିଥାଉ । ଉଦାହରଣ ସ୍ୱରୂପ ଯଦି ଜଣେ ପିଲା ସବୁ ଚତୁଷ୍ପଦୀ ପଶୁମାନଙ୍କୁ 'କୁକୁର' ବୋଲି କହେ, ଆମେ ଏହି ସିଦ୍ଧାନ୍ତ ରେ ଉପନୀତ ହେଉଯେ ସେମାନଙ୍କ ଚଳନ୍ତି ଧାରଣା 'କୁକୁର' ମାନେ ଏକ ଚାରିଗୋଡ଼ିଆ ପଶୁ । ଯଦି ସେମାନେ ଏହି ନାମକୁ ସମସ୍ତ ଚତୁଷ୍ପଦୀ ପଶୁ ତଥା ଟେବୁଲ (ମେଜ) ପାଇଁ ବ୍ୟବହାର କରନ୍ତି, ତେବେ ଆମକୁ ଧରିବାକୁ ହେବଯେ ସଜୀବ ଓ ନିର୍ଜୀବ ମଧ୍ୟରେ ଥିବା ପାର୍ଥକ୍ୟ ସେମାନଙ୍କୁ ଜଣା ନାହିଁ । ଯଦି ସେମାନେ ନିଜ କୁକୁରକୁ ଗୋଟିଏ କୁକୁର ବୋଲି ଡ଼ାକନ୍ତି ତେବେ ଜଣାପଡ଼େଯେ ସେମାନେ ଠିକ୍ ଭାବରେ ସାଧାରଣ ଅନୁମାନ ବା ସ୍ଥିରୀକରଣ ଜାଣିନାହାନ୍ତି ।

ପିଲାମାନେ ଏହି ପରିକଳ୍ପନା ସେତେବେଳେ ତିଆରି କରି ପାରିବେ ଯେତେବେଳେ ସେମାନେ କିଏ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଅନ୍ତର୍ଭୁକ୍ତ ଓ କିଏ ଅନ୍ତର୍ଭୁକ୍ତ ହୋଇ ପାରିବନି - ଏମାନଙ୍କ ଭିତରେ ଥିବା ପାର୍ଥକ୍ୟ ବୁଝିପାରିବେ । ସେମାନେ ଯେ ଅଣ କୁକୁର ଚତୁଷ୍ପଦୀ ପ୍ରାଣୀକୁ ଜାଣିପାରୁଛି ଏହା ବଡ଼କଥା । ପିଲାମାନେ ନିଜ ପରିକଳ୍ପନାକୁ ସଂଶୋଧନ କରିପାରିବେ ଯେତେବେଳେ ସେଗୁଡ଼ିକୁ ତନଖିନେବେ ବା ଅନ୍ୟମାନଙ୍କ ମତାମତକୁ ବିଚାରକୁ ନେବେ ।

ଅକ୍ଷର ବା ଶବ୍ଦମାନଙ୍କ ନାମ ଶିଖିଲା ବେଳେ ଏପରି ପରିସ୍ଥିତି ଉପୁଜିଥାଏ । 'a' ଅକ୍ଷରକୁ ପୃଥକ ଭାବେ ଦେଖାଇ "ଏହା 'a' ଅଟେ ।" ଏହି କଥାକୁ ବାରମ୍ବାର ପୁନରାବୃତ୍ତିକଲେ ପଠନପାଇଁ ଏହା ସହାୟକ ହେବ ନାହିଁ । ଅକ୍ଷର ଗୁଡ଼ିକୁ ଏକାଥରକେ ଉପସ୍ଥାପନ ନ କରିବା ଯାଏ ସେମାନେ ତଥାପି 'b' କୁ 'd' ଓ 'd' କୁ 'a' କହିଚାଲିବେ । ସେମାନଙ୍କୁ ଏହି ଅକ୍ଷର ଗୁଡ଼ିକୁ ବାରମ୍ବାର ନ ଦେଖାଇ 'b' ଠାରୁ 'd' କୁ କିପରି ପରସ୍ପର ଠାରୁ ଭିନ୍ନ ତାହା ଖୋଜି ବାହାର କରିବାପାଇଁ ସେମାନଙ୍କୁ ସୁଯୋଗ ଦେବାକୁ ହେବ । ଏମିତି କରିବାକୁ ହେଲେ ସେମାନେ ପ୍ରଥମେ ଅକ୍ଷର ଗୁଡ଼ିକ ଏକତ୍ର ନରୀକ୍ଷଣ କରିବେ; ସେମାନଙ୍କ ତାରତମ୍ୟତାକୁ ଦର୍ଶାଇପାରିବେ ।

## ପଠନ

ଟିପ୍ପଣୀ

- **ପିଲାମାନେ ସର୍ବଦା ପାଠର ଅବିକଳ ଅର୍ଥ ବୁଝିବେ, ଘଟଣାର ପୂର୍ବାନୁମାନ ବା ପ୍ରାକ୍ କଳ୍ପନାରୁ ନିବୃତ୍ତ ରହିବେ ।**

ଦକ୍ଷପାଠକ ପାଠରେ ଉଲ୍ଲେଖିତ ତଥ୍ୟକୁ ବେଶୀ ବ୍ୟବହାର କରିନଥାନ୍ତି । ଶବ୍ଦ ଗୋଟି ଗୋଟି କରି ପଢ଼ିବା ଅପେକ୍ଷା ଭାବ ବା ଅର୍ଥପାଇଁ ପଢ଼ିବା ଅପେକ୍ଷାକୃତ ସହଜ । ମନ୍ଥର ଗତିରେ ପଢ଼ିବା ଅପେକ୍ଷା ଦ୍ରୁତ ବେଗରେ ପଢ଼ିବା ସହଜ । ଏ ପର୍ଯ୍ୟନ୍ତ ଆମ ଆଲୋଚନାର ଅର୍ଥ ହେଉଛି ସତର୍କତାର ସହିତ ପଢ଼ିବା କ୍ଷିପ୍ର ପଠନ ନୁହେଁ । କିମ୍ବା ଲକ୍ଷ୍ୟହୀନ ଭାବେ ପଢ଼ିବା ପଠନ ପଦବାଚ୍ୟ ହୋଇ ପାରିବ ନାହିଁ । ଗୁଣ ମାନ ପଠନକୁ ଯଥାର୍ଥରେ "ମନ ଓ ଭାଷାର କାଳ୍ପନିକ କ୍ରୀଡ଼ା" ଭାବେ ବର୍ଣ୍ଣନା କରିଛନ୍ତି । ପଠନରେ ସମ୍ଭାବ୍ୟ ଅର୍ଥର ଅନୁମାନ କରିବା ଜରୁରୀ । ଏହାର ଅର୍ଥ ନୁହେଁ ଅନ୍ଧାର ଘରେ ବାଡ଼ି ବୁଲେଇବା । ଉପଲବ୍ଧ ତଥ୍ୟ ଭିତ୍ତିରେ ସମ୍ଭାବ୍ୟ ଅର୍ଥର ଅନୁମାନ ବା ଅନୁସଂନ୍ଧାନ ହିଁ ପଠନ । ତଥ୍ୟ ଆଧାରିତ ଅନୁମାନ କହିଲେ ଉପଲବ୍ଧ ତଥ୍ୟର ସମୁଚିତ ପ୍ରୟୋଗକୁ ବୁଝାଏ । ପଠନ ସମୟରେ ଘଟଣାର ଭବିଷ୍ୟତ ଅନୁମାନ ପୂର୍ବକ ନିଶ୍ଚିତ ହେବାଯେ ଆମ ଅନୁମାନର ଅନିଶ୍ଚିତତା କ୍ରମଶଃ କମିଆସୁଛି ଏବଂ ଅର୍ଥବୁଝିବା ପାଇଁ ପାଠରେ ଲିଖିତ ତଥ୍ୟର ବ୍ୟବହାର କମିଯାଉଛି ।

ଆମେ ଯେତେବେଳେ ଅଜଣା ପାଠ୍ୟ, ଜଟିଳ ବିଷୟ, ବଡ଼ ଉପନ୍ୟାସ, ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ଲେଖା, ବିଦେଶୀ ଭାଷାରେ ଲିଖିତ ଲେଖା ପଢୁ, କ୍ରମାଗତ ଭାବେ ଅଭିଧାନ ବ୍ୟବହାର କରୁ । ପ୍ରତ୍ୟେକ ବାକ୍ୟ ଗୋଟି ଗୋଟି କରି ବୁଝି ଆଗକୁ ଯିବା ସହଜ ସାଧ୍ୟ ହୁଏ ନାହିଁ । ପଠନର ବେଗ କମାଇ ଧୀରେ ଧୀରେ ପଢ଼ିବାକୁ ଇଚ୍ଛାହୁଏ । କିନ୍ତୁ ଏହି ପରିସ୍ଥିତିରେ ସର୍ବୋତ୍ତମ ପନ୍ଥା ହେଲା ବେଗ ବଢ଼େଇ ପଢ଼ା ଚାଲୁ ରଖିବା । ପଢ଼ା ଚାଲୁ ରହିଛି ମାନେ ଅର୍ଥବୁଝି ହେଉଛି ।

ପାଠରେ ନୂଆ ଶବ୍ଦର ବ୍ୟବହାର କରାଯାଇଥାଏ । ଏହି ଶବ୍ଦଟି ଆମକୁ ନୂଆ ମନେହୁଏ କାରଣ ଏହାର ଅର୍ଥ ଆମେ ଜାଣି ନଥାଉ । ଏହି ପରି ନୂଆ ଶବ୍ଦଟି ଅର୍ଥ ଜାଣିବାର ସର୍ବୋତ୍କୃଷ୍ଟ ଉପାୟ ହେଉଛି ପାଠର ଅବଶିଷ୍ଟାଂଶରୁ ଯୁକ୍ତି ସଂଗତ ଅନୁମାନ ଆଧାରରେ ଅର୍ଥର ଅନୁସନ୍ଧାନ କରିବା । ଜଟିଳ ପାଠ୍ୟର ଅର୍ଥ ବୁଝିବାକୁ ହେଲେ ପଢ଼ା ଚାଲୁ ରଖିବାକୁ ହେବ ।

- **ପ୍ରତ୍ୟେକ ଶବ୍ଦକୁ ଗୋଟି ଗୋଟି କରି ପଢ଼ିବା ଉପରେ ଗୁରୁତ୍ୱ ।**

ଶବ୍ଦ ଚିହ୍ନିବା ବା ଗୋଟି ଗୋଟି କରି ପଢ଼ିବା ସବୁଠାରୁ କଷ୍ଟକର ପଠନ ଶିକ୍ଷା ଉପାୟ । ସେଥିପାଇଁ ଶବ୍ଦ ଚିହ୍ନିବା ଉପରେ ଗୁରୁତ୍ୱ ଦେବା ଅନାବଶ୍ୟକ । ଜଣେ କୁଶଳୀ ପାଠକ ଅନେକ ଅନ୍ୟ ସଙ୍କେତ ବ୍ୟବହାର କରିଥାଅନ୍ତି । ଯେତେବେଳେ ଅକ୍ଷରଟିଏ ଶବ୍ଦଭିତରେ ଆସେବା ଶବ୍ଦଟିଏ ଅର୍ଥପୂର୍ଣ୍ଣ ବାକ୍ୟ ଭିତରେ ଥାଏ, ଏମାନଙ୍କୁ ଚିହ୍ନିବା ଖୁବ୍ ସହଜ ହୋଇଥାଏ । ବାକ୍ୟ ଭିତରେ ଥିବା ଶବ୍ଦ ଚିହ୍ନିବା ତୁଳନାରେ ଅନ୍ୟଶବ୍ଦ ମାନଙ୍କଠାରୁ ବିଚ୍ଛିନ୍ନ

ଭାବରେ ଥିବା ଶବ୍ଦକୁ ଚିହ୍ନିବା ପାଇଁ ଅଧିକ ଦୃଶ୍ୟମାନ ସଙ୍କେତର ଦରକାର । ଦୃଶ୍ୟମାନ ସଙ୍କେତକୁ ବୁଝି ମନେରଖିବା ସାମର୍ଥ୍ୟ ଆମର ସୀମିତ । ସୁତରାଂ ଅଧିକ ପରିଦୃଶ୍ୟମାନ ତଥ୍ୟ ଆବଶ୍ୟକ କରୁଥିବା ପଦ୍ଧତି ପଠନକ୍ରିୟାକୁ ଦୁଃସାଧ୍ୟ କରିଥାଏ । ଲେଖାର ଅର୍ଥବୁଝିବା ପାଇଁ ଯଥାସମ୍ଭବ କମ୍ ଦୃଶ୍ୟମାନ ତଥ୍ୟ ବା ସଙ୍କେତ ବ୍ୟବହାର କରିବା ପଠନଶିକ୍ଷାର ଏକ ଉତ୍ତମ କୌଶଳ ।

କୁଶଳୀ ପାଠକ ଶବ୍ଦ ଉପରେ କମ୍ ନଜର ଦିଅନ୍ତି, ପାଠର ବିଷୟ ବସ୍ତୁକୁ ଅଧିକ ପଢ଼ନ୍ତି । ଶବ୍ଦ ପଢ଼ିବା ଅପେକ୍ଷା ଅର୍ଥ ବୁଝିବା ଅଧିକ ସହଜ । ପିଲାମାନେ ପ୍ରତି ଶବ୍ଦ ଗୋଟି ଗୋଟି ପଢ଼ିବାଟା ସେମାନଙ୍କ ଅର୍ଥବୁଝିବା ବା ଭାବଗ୍ରହଣ କରିବାରେ ବାଧା ସୃଷ୍ଟିକରେ ।

- **ସଂପୂର୍ଣ୍ଣ ସଠିକ୍ ଓ ଅବିକଳ ଭାବେ ପଢ଼ିବା ଉପରେ ଗୁରୁତ୍ୱ ।**

ଭୂଲ ନ କଲେ ଭାଷା ଶିଖି ହୁଏନି । ଭାଷା ଶିକ୍ଷାରେ କେତେକ ତ୍ରୁଟି ସ୍ୱାଭାବିକ । ଏହି ଅନିର୍ବାର୍ଯ୍ୟ ତ୍ରୁଟିକୁ ସ୍ୱୀକାର କରିବାକୁ ହେବ । ଗ୍ରହଣ କରିବାକୁ ପଡ଼ିବ । ତାହା ହେଲେ ଆମ ପିଲା ଏପରିକି ପଶୁ ପକ୍ଷୀ, ଗଛଲତା, ଫୁଲଫଳ, ଅକ୍ଷର, ଶବ୍ଦର ନାମ ଶିଖିପାରିବେ ନାହିଁ । ଭୂଲ ହୋଇଯିବା ଭୟରେ ଆମ ପିଲା ପଢ଼ିବା ପାଇଁ ଚେଷ୍ଟା ନକରିବାଟା ପ୍ରକୃତରେ ପଠନ ଶିକ୍ଷା ଦିଗରେ ସବୁଠୁ ବଡ଼ ପ୍ରତିବନ୍ଧକ । ପଢ଼ିବା ସମୟରେ ପିଲାମାନେ ଯେଉଁ ସବୁ ଭୂଲ କରିଥାଆନ୍ତି ତାହା ସ୍ୱାଭାବିକ ଏବଂ ପଠନ ଶିକ୍ଷା ପ୍ରଣାଳୀର ଅନିର୍ବାଯ୍ୟ ଅଂଶ ।

ଏକ ଶିକ୍ଷଣ ଅଭ୍ୟାସମୂଳକ କାର୍ଯ୍ୟ କରିବା ପୂର୍ବରୁ ପିଲା ଯଦି ଜାଣିଛି ଯେ ତାକୁ ଏହି କାମ ଜଣା ତେବେ ଏ ଶିକ୍ଷଣ ପ୍ରୟାସରୁ ସେ କିଛି ଲାଭ କରିପାରିବ ନାହିଁ । ଯଦି ସେ ଜାଣୁଛି ଯେ ସେ ଯାହା କରିବାକୁ ଯାଉଛି ତାହା ଭୂଲ ବି ହୋଇପାରେ ଏବଂ ତଥାପି ସେ ସାହସର ସହିତ ଗୋଟିଏ ପଦାର୍ଥର ନାମ କିମ୍ବା ଗୋଟିଏ ଶବ୍ଦର ଅର୍ଥ ଅନୁମାନକରି କହିଦିଏ ଏହି ପ୍ରଚେଷ୍ଟାରୁ ସେ ବହୁତ କିଛି ଶିଖେ । ଏହା କଳାପରେ ସେ ତା'ପରିକଳ୍ପନାକୁ ଅନୁଶୀଳନ କରେ, ପରୀକ୍ଷା ନିରୀକ୍ଷା କରେ, ବିଶ୍ଳେଷଣ କରେ । ଯଦି ତା'ର ଅନୁମାନ ସତ୍ୟ ତାହାହେଲେ ଅନୁମାନ ଭୂଲ ହେଲେ ପରିକଳ୍ପନାର ସଂଶୋଧନ କରେ, ଅନ୍ୟଏକ ସିଦ୍ଧାନ୍ତରେ ଉପନୀତ ହୁଏ, ଗ୍ରହଣ କରେ ।

- **ଭୂଲ ହେବା ମାତ୍ରେ ଦର୍ଶାଇବା ।**

ଗୋଟିଏ ଶବ୍ଦ ପଢ଼ିଲା ବେଳେ ଯଦି ପିଲା ଭୂଲ କରିଦିଏ, ଶିକ୍ଷକ ସଙ୍ଗେ ସଙ୍ଗେ ସେ ଭୁଲକୁ ଧରନ୍ତି । ଏପରି କରିବା ସହଜ । କିନ୍ତୁ ଏହା ପିଲାଙ୍କୁ ସାହାଯ୍ୟ କରିନଥାଏ । ମନେ ରଖିବାକୁ ହେବଯେ ସେ ଶବ୍ଦ ଚିହ୍ନିବା ପାଇଁ ପଢୁନାହିଁ । ଅର୍ଥପାଇବା ତା' ପଢ଼ାର ଉଦ୍ଦେଶ୍ୟ । ପିଲା ଯଦି ଶବ୍ଦ ଚିହ୍ନିବା ଅଭ୍ୟାସ କରୁଥାଏ ଏବଂ ତାହା ଠିକ୍ ଭାବରେ କରିଛି ନା ନାହିଁ ଜାଣିବାକୁ ଚାହୁଁଥାଏ, ତେବେ ତତ୍କ୍ଷଣାତ୍ ମତାମତ ଦେବା ଲାଭଦାୟକ । କିନ୍ତୁ ସେ ଯଦି ଅର୍ଥ ବୁଝିବା ପାଇଁ ପଢୁଥାଏ ତେବେ ସଙ୍ଗେ ସଙ୍ଗେ ମତାମତ ଦେବା ହାନିକାରକ । ଏଥିରୁ ଜଣା ପଡ଼େ ଯେ ଆମେ ସବୁବେଳେ ଯାହା ପଢ଼ିଛେ ପିଲାମାନଙ୍କ ପଠନ ପ୍ରକ୍ରିୟାରେ ସେହିପରି ସଂଶୋଧନ କରୁଛେ ।

## ପଠନ

- **ପିଲାମାନଙ୍କୁ ନିଜେନିଜେ ପଢ଼ିବା ପାଇଁ ଉତ୍ସାହିତ କରିବା ।**

ପିଲାମାନେ ଅନେକ ସମୟରେ ଅନେକ ପଠନ କୌଶଳ ଆପେ ଆପେ ଶିଖିଯାଆନ୍ତି । କେହି ତାଙ୍କୁ ଏହା ପଢ଼ାଇ ନ ଥାଏ । ଏପରି ଅନେକ କୌଶଳ ସେମାନଙ୍କ ପିତା ମାତାଙ୍କୁ ଜଣାନଥାଏ ଏବଂ କେତେକ ସ୍ଥଳରେ ଶିକ୍ଷକ ବି ଜାଣି ନଥାନ୍ତି । ଉଦାହରଣ ସ୍ୱରୂପ 'but' ରେ 'u' ର ଉଚ୍ଚାରଣ 'ଅ' ଏବଂ 'put' ରେ 'u' ର ଉଚ୍ଚାରଣ 'ଉ' ହୁଏ ବୋଲି କେହି ତାଙ୍କୁ କହିନଥାଏ । ପିଲା ଜାଣିଥାଆନ୍ତି ଯେ କେତେକ ସ୍ଥଳରେ ଶବ୍ଦର ଶେଷ ଅକ୍ଷର କିମ୍ବା ଶବ୍ଦ ମଝିରେ ଥିବା ଅକ୍ଷର ଉଚ୍ଚାରିତ ହୁଏ ନାହିଁ ।, ଯଥା 'bomb' ରେ 'b' ଓ 'garden' ରେ 'r' ଏମତି ଆହୁରି ଅନେକ ଧ୍ୱନି ଓ ଧ୍ୱନିଲିପି ମାନଙ୍କ ସଂଶ୍ଳିଷ୍ଟ ସମ୍ପର୍କିତ ନିୟମ ପିଲା ଆପେ ଆପେ ନିଜସ୍ୱ କରିଥାନ୍ତି । ପିଲାମାନଙ୍କର ଏପରି ଜଟିଳ ନିୟମକୁ ଆପେ ଆପେ ବୁଝି ନିଜସ୍ୱ କରିବା କୌଶଳ ଯଦି ଆମେ ଭଲ ବୋଲି ଗ୍ରହଣ କରନ୍ତେ ତେବେ ସେମାନଙ୍କୁ ଆମର ପଢ଼େଇବା ପଦ୍ଧତି ସମ୍ପୂର୍ଣ୍ଣ ରୂପେ ବଦଳି ଯାଆନ୍ତି । ଶତପ୍ରତିଶତ ସଫଳତା, ନିର୍ଭୁଲତା, ଭୁଲ ସଂଶୋଧନ ଉପରେ ଦୃଷ୍ଟି ଦେବା ପରିବର୍ତ୍ତେ ପିଲାମାନଙ୍କୁ ଅଧିକ ଉତ୍ସାହଜନକ ଓ ଆହ୍ୱାମୂଳକ ସାମଗ୍ରୀ ଓ ଅଭ୍ୟାସ କାର୍ଯ୍ୟ ଯୋଗାଇଦେବା ଉପରେ ଆମେ ବିଶେଷ ଧ୍ୟାନ ଦେଇପାରନ୍ତେ ।



ଟିପ୍ପଣୀ

### ନିଜ ପ୍ରଗତିକୁ ପରିଖି ଦେଖ - ୩

୧. ପଢ଼ି ଶିଖିବାର ସ୍ୱାଭାବିକ ଓ ଅନିର୍ବାଯ୍ୟ ସୋପାନ ହେଉଛି -
(ଗୋଟିଏ ଉତ୍ତର ଶେଷରେ ଠିକ୍ ଚିହ୍ନ ( ✔ ) ଦିଅ ।)

(କ) ପଢ଼ିବା ସମୟରେ ଭୁଲ୍ କରିବା

(ଖ) ଜମାରୁ ଭୁଲ ନ କରିବା

(ଗ) ଘୋଷି ଘୋଷି ଅକ୍ଷର ମନେରଖିବା

(ଘ) ଶବ୍ଦ ମୁଖସ୍ଥ କରିବା

୨. ପଢ଼ିବା ସମୟରେ ପିଲାକୁ ଅଟକେଇବା ବା ଅଟକେଇ ତାର ପଢ଼ାରେ ରହୁଥିବା ଭୁଲ ସଙ୍ଗେ ସଙ୍ଗେ ସଂଶୋଧନ କରିବା  କାହିଁକି ଲାଭପ୍ରଦ ହୁଏ ନାହିଁ ?

ଉତ୍ତର:

ଟିପ୍ପଣୀ

୩. ପଠନ ଶିଖିବା ବେଳେ ସୂତ୍ର ଘୋଷି ମନେରଖିବା ଏକ ପ୍ରୟାସ ନୁହେଁ କାହିଁକି ?

ଉତ୍ତର:

୪. ପଠନ ଶିକ୍ଷାଦାନ ପଦ୍ଧତି ଗୁଡ଼ିକ କ'ଣ କ'ଣ ?

ଉତ୍ତର:

୫. ପ୍ରଚଳିତ ଶିକ୍ଷାଦାନ ପଦ୍ଧତିରେ କ'ଣ କ'ଣ ସବୁତ୍ରୁଟି ରହିଛି ଉଦାହରଣ ଦେଇ ବୁଝାଇ ଦିଅ ?

ଉତ୍ତର:

୬. "ଅନେକ ପଠନ କୌଶଳ ପିଲା ଆପେ ଆପେ ଶିଖିଯାଆନ୍ତି । କେହି ଶିଖାଏନି ।" ପ୍ରମାଣ ଦେଇ ଉକ୍ତି ଟିକୁ ବୁଝାଇ ଦିଅ ।

ଉତ୍ତର :





## ୫.୪.୨ ପଠନର ଶିକ୍ଷଣ ପାଇଁ ସହାୟକ ଉପାଦାନ

❍ **ପଠନ ପାଇଁ ଅନେକ ସୁଯୋଗ ।**

ପିଲାଙ୍କୁ ପଠନ କୌଶଳ ଶିଖାଇଲା ବେଳେ କେତେକ ବିଷୟ ମନେ ରଖିବାକୁ ହେବ । ପ୍ରଥମରେ ପଠନ ପାଇଁ ବ୍ୟବହୃତ ସାମଗ୍ରୀ ବା ଉପକରଣ ଗୁଡ଼ିକ ଅର୍ଥ ପୂର୍ଣ୍ଣ ଓ ଉଦ୍ଦେଶ୍ୟଭିତ୍ତିକ ହେବା ଆବଶ୍ୟକ । ଦ୍ୱିତୀୟଟି ହେଉଛି ଉପାଦାନଟି ପିଲା ଜାଣିଥିବା ଭାଷାରେ ଲେଖା ହୋଇଥିବା ଦରକାର । ତୃତୀୟଟି ହେଲା ଶିକ୍ଷକ ପିଲାମାନଙ୍କୁ ବହୁତପ୍ରକାର ପଠନ ଉପାଦାନ ପଢ଼ି ବୁଝିବା ପାଇଁ ଯଥେଷ୍ଟ ସୁଯୋଗ ଦେବେ । ଶିକ୍ଷକ ପିଲାମାନଙ୍କ ସହିତ ଅର୍ଥପୂର୍ଣ୍ଣ ଆଳାପ ଆଲୋଚନା କରିବେ, ମନଧ୍ୟାନଦେଇ ସେମାନଙ୍କ କଥା ଶୁଣିବେ; ଅନ୍ୟ ଆଳାପ ଆଲୋଚନା ଶୁଣିବା ପାଇଁ ଅନୁମତି ଦେବେ । ଏସବୁ ଆଦର ଓ ଯତ୍ନ ସହକାରେ କରିବାକୁ ହେବ । ଲିଖିତ ପାଠକୁ ଅକ୍ଷର, ଶବ୍ଦ, ସ୍ୱରାଘାତ ବା ଶବ୍ଦ ଉଚ୍ଚାରଣ ଧାରାରେ ଭଙ୍ଗାଯିବନାହିଁ । ପାଠକୁ ଏପରି କ୍ଷୁଦ୍ର ଅଂଶରେ ବିଭକ୍ତ କରିବା ପଠନଶିକ୍ଷାରେ ସହାୟକ ହୁଏ ନାହିଁ । ଖଣ୍ଡ ଖଣ୍ଡ କରି ଭାଙ୍ଗିବା ବା ସ୍ଥିରୀକୃତ ଧାରାରେ ପଢିବା ପଠନ ନୁହେଁ । ପଢ଼ିଲେ ହିଁ ପଠନକ୍ରିୟା ସାଧିତ ହୁଏ । ପଢ଼ି ଆନନ୍ଦ ଲାଭକଲେ ପଢ଼ା ଶିଖିହୁଏ ।

❍ **ପଠନ ଉଦ୍ଦେଶ୍ୟମୂଳକ ଓ ଆହ୍ୱାନପୂର୍ଣ୍ଣ ହେବା ବିଧେୟ ।**

ପଠନ ଉପକରଣ ବ୍ୟବହାର ଉପଯୋଗୀ, ଅର୍ଥପୂର୍ଣ୍ଣ ଓ ପାଠକଙ୍କ ସାମର୍ଥ୍ୟ ସମକକ୍ଷ ହେବା ଆବଶ୍ୟକ । ଆମେ ଯେତେବେଳେ ପଢୁ ଆମର କିଛି ନା କିଛି ଉଦ୍ଦେଶ୍ୟ ଥାଏ । ଯେମିତି ଆମୋଦ ପାଇଁ, ଜାଣିବାର ଆଗ୍ରହ, କାହାଣୀର ଘଟଣା କ୍ରମବୁଝିବା, କାହାଣୀ ଶେଷ ଘଟଣାର ଅନୁସନ୍ଧିତ୍ସା, ପାରିପାର୍ଶ୍ୱିକ ଘଟଣା ବଳୀ ବିଷୟରେ ଅବଗତ ହେବା, ଏପରି କଥାବସ୍ତୁ ପାଠରେ ଅଛିକି ନାହିଁ ଜାଣିବା । ଏହିପରି ଆହ୍ୱାନର ମୁକାବିଲା କରିବା ପାଇଁ ସୁଯୋଗ ଦିଆଗଲେ ସେମାନେ ଅଧିକ ଶିଖିବେ ଯାହା ପଢ଼ିଛନ୍ତି ସେ ସବୁ ବିଷୟରେ ଅଲୋଚନା କରିବେ, ଅଧିକ ଜାଣିବେ, ପରସ୍ପର ଭିତରେ ପଠନଲବ୍ଧ ତଥ୍ୟ ବିନିମୟ କରିବେ, ଅଭିଜ୍ଞତା ବାଣ୍ଟିବେ, ଦ୍ରୁତବେଗରେ ପଢ଼ିଶିଖିବେ । ପାଠରୁ ଚାହୁଁଥିବା ଅର୍ଥମିଳିବ ଯଦି ସେମାନଙ୍କ ପାଇଁ ଆହ୍ୱାନ ଭାବେ ଉଭାହୁଏ ତେବେ ଉଦ୍ୟମ ଜାରି ରଖିବାରେ ସେମାନେ ଉତ୍ସାହିତ ହେବେ । ଆମେ ଯେତେବେଳେ ଶ୍ରେଣୀର ଲିଖିତ ପାଠ ବିଷୟବସ୍ତୁରେ ପରିବେଶ ଭାରାକ୍ରାନ୍ତ କରିଥାଉ, ବାସ୍ତବରେ ଆମେ ଏକ ଉତ୍ତେଜନାପୂର୍ଣ୍ଣ ଶ୍ରେଣୀ ପରିବେଶ ସୃଷ୍ଟି କିରଥାଉ । ଅର୍ଥପୂର୍ଣ୍ଣ  ଆହ୍ୱାନ ମୂଳକ ଲିଖିତ ସାମଗ୍ରୀ ପରିପୂର୍ଣ୍ଣ ଶ୍ରେଣୀ ପଠନ କୌଶଳ ଶିକ୍ଷାନିମିତ୍ତ ପିଲାଙ୍କୁ ପ୍ରେରଣା ଯୋଗାଏ ।

❍ ପ୍ରସଙ୍ଗ ଆଧାରିତ ପଠନ ସାମଗ୍ରୀ ।

ବିଷୟ ବସ୍ତୁର ପ୍ରସଙ୍ଗ ବା ପୃଷ୍ଠଭୂମିକୁ ଆଧାର କରି ପିଲା ଭାଷା ଶିଖନ୍ତି, ପଢ଼ନ୍ତି, ପଢ଼ିଶିଖନ୍ତି । ଗପ ଓ ଗୀତରେ ଆକର୍ଷଣୀୟ ପ୍ରସଙ୍ଗ ଥାଏ । ଆମେ ଗପଟିଏ କହିଲାବେଳେ ମଝିରେ ଅଟକିଯାଇ "ତା'ପରେ କ'ଣ ହେବ ?" ବୋଲି ପିଲାଙ୍କୁ ପଚାରିବେ । ପିଲା ବିଶେଷ ଆଗ୍ରହର ସହିତ ଗପଟିକୁ ପୂରଣ କରିବେ । ସେମାନଙ୍କ ପାଇଁ ଅନେକ ମହତ୍ୱପୂର୍ଣ୍ଣ ଧାରଣା ଗଳ୍ପର ସ୍ୱାଭାବିକ ପ୍ରବାହରେ ବିଦ୍ୟମାନ ଯଥା ବଡ଼-ସାନ, ନିକଟ-ଦୂର, ମୋଟା-ପତଳା ଇତ୍ୟାଦି । ଗପ ଶୁଣୁଶୁଣୁ ପିଲାମାନେ ଆପେଆପେ ଏହାକୁ ନିଜସ୍ୱ କରିନିଅନ୍ତି । ଗଳ୍ପର ପୃଷ୍ଠଭୂମି ଏ ସବୁ ଧାରଣାର ପରିଚୟ ଦିଏ । ନାଟ୍ୟରୂପ ସେମାନଙ୍କ ଅର୍ଥକୁ ସ୍ପଷ୍ଟ କରିଦିଏ । ଅଧିକନ୍ତୁ

ଟିପ୍ପଣୀ

ପିଲା କାହାଣୀର ବିଭିନ୍ନ ଚରିତ୍ର ମାଧ୍ୟମରେ, ଏକ କାଳ୍ପନିକ ପରିବେଶରେ ନିଜକୁ ଉପସ୍ଥାପନ କରିବାର ସୁଯୋଗ ପାଇବ । ପ୍ରାରମ୍ଭିକ ଅବସ୍ଥାରେ ପିଲାମାନେ ଚରିତ୍ରର ସ୍ଥୂଳରୂପ ଯଥା ସେମାନଙ୍କ ଚାଲିବା ଶୈଳୀ, ଭାବଭଙ୍ଗୀ, ମୁଖଉଚ୍ଚାରିତ ଧ୍ୱନି ଇତ୍ୟାଦିର ଅନୁକରଣ କରିଥାନ୍ତି । ଏଗୁଡ଼ିକ ହେଲା ଠେକୁଆର ଡ଼େଇଁବା, ଘୋଡ଼ାର ନାତ ମାରିବା, କୁକୁଡ଼ା ରାବିବା ଇତ୍ୟାଦି, ବିଷୟ ଭିତ୍ତିକ ଏହି ପ୍ରସଙ୍ଗ ବା ପୃଷ୍ଠଭୂମି ପିଲାଙ୍କୁ ପଢ଼ିବା କୌଶଳ ଶିକ୍ଷାରେ ଖୁବ୍ ସହାୟକ ହୋଇ ଥାଆନ୍ତି ।

### ❍ ପିଲାଜାଣିଥିବା ବାକ୍ୟରୂପର ବ୍ୟବହାର

ପଢ଼ିଲା ବେଳେ ପଢୁଥିବା ପାଠ୍ୟାଂଶର ଆଗକୁ ଆଗକୁ ବିଷୟବସ୍ତୁ କ'ଣ ହୋଇଥିବ ପିଲାମାନେ ନିଜେ ଜାଣିଥିବା ଭାଷାବଳରେ ସେ ସବୁର ଅନୁମାନ କରିବେ । ପିଲାର ଭାଷା ଓ ପଠନ ସାମଗ୍ରୀର ଭାଷା ବଳରେ ସେ ସବୁର ଅନୁମାନ କରିବେ । ପିଲାର ଭାଷା ଓ ପଠନ ସାମଗ୍ରୀର ଭାଷା ମଧ୍ୟରେ ଯେତେ ସାମଞ୍ଜସ୍ୟ ରହିବ, ତା'ର ପଠନ ଶିକ୍ଷା ସେତେ ସହଜ ହେବ । ସୁତରାଂ ସେମାନେ ଆଗରୁ ଯାହା ପଢ଼ିଛନ୍ତି ବା ଶୁଣିଛନ୍ତି ସ ସବୁ ସହିତ ବର୍ତ୍ତମାନ ପଢୁଥିବା ପାଠ୍ୟର ସମ୍ପର୍କ ଯୋଡ଼ିବା ଆବଶ୍ୟକ । ତାହେଲେ ଯାଇ ଏହା ବ୍ୟବହାର କରିବାର ବାଟ ପାଇବେ । ଉଦାହରଣ ସ୍ୱରୂପ, ପିଲା ଯଦି ଘରେ ବା ବାହାରେ ଗପଟିଏ ଶୁଣିଛି ଏବଂ ତାହା ପଢ଼ିବାର ସୁଯୋଗ ପାଏ, ତେବେ ଗପଟିକୁ ସହଜରେ ପଢ଼ି ପାରିବ ।

### ❍ ଶ୍ରେଣୀ ପାଠାଗାର

ଶ୍ରେଣୀର କୌଣସି ଏକ କଣରେ ଶିଶୁ ସାହିତ୍ୟ ସମ୍ବନ୍ଧିୟ ପୁସ୍ତକମାନ ଗଚ୍ଛିତ ରହିବ । ପିଲାମାନେ ଏହାକୁ ପଢ଼ିବେ । ଶିକ୍ଷକ ବି ଏ ବହିରୁ ପିଲାମାନଙ୍କୁ ଗପ ପଢ଼ି ଶୁଣାଇବେ । ପୂର୍ବରୁ ପଢ଼ିଥିବା ଗପକୁ ଶୁଣିବା ପଠନ ଶିକ୍ଷାରେ ଅତ୍ୟନ୍ତ ସହାୟକ ହୋଇଥାଏ । ଯେତେବେଳେ ଆଗରୁ ଜାଣିଥିବା ଗପକୁ ଯଦି ବଡ଼ ପାଟିରେ ପୁନରାବୃତ୍ତି କରାଯାଏ, ପିଲାମାନେ କ୍ରମେ କ୍ରମେ ସେଥିରେ ଥିବା ଘଟଣାବଳୀର ଶୃଙ୍ଖଳା, ଶବ୍ଦ ବିନ୍ୟାସ (ବାକ୍ୟ ଗଠନ ପ୍ରଣାଳି) ତଥା ଗଳ୍ପର ଅନ୍ୟାନ୍ୟ ଅଂଶକୁ ନିଜସ୍ୱ କରିନିଅନ୍ତି । ପରବର୍ତ୍ତୀ ବିଷୟବସ୍ତୁ କ'ଣ ହେବ ବା କ'ଣ ଘଟିବାକୁ ଯାଉଛି ଏ ସବୁ ଜାଣିବାରେ ଏହି ପଦ୍ଧତି ଗୁଡ଼ିକ ସହାଯ୍ୟ କରିବ । ସମୟ ସୁବିଧା ଦେଖି କିଛି କିଛି ଭଲ ବହି ଓ ନୂଆ ବହି ଏହି ପାଠାଗାରରେ ମିଶେଇବାକୁ ପଡ଼ିବ, ଫଳରେ ପାଠାଗାର ପ୍ରତି ପିଲାଙ୍କ ଆଗ୍ରହ ବଢ଼ି ଚାଲିବ ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରିଖି ଦେଖ - ୪**

୧. ଏମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ପଠନଶିକ୍ଷାରେ ସହାୟକ ?

( ଠିକ୍ ଚିହ୍ନ ( ✔ ) ଦେଇ ତୁମ ମତାମତ ଦର୍ଶାଅ ।)

(କ) ଦାମୀ ପୁସ୍ତକ ।

(ଖ) ବିଷୟ ପ୍ରସଙ୍ଗ ଓ ପୃଷ୍ଠଭୂମି ସଂବଳିତ ପଠନ ଉପକରଣ ।

(ଗ) ଶବ୍ଦ ବିନ୍ୟାସ ବା ବାକ୍ୟଗଠନ ପ୍ରଣାଳୀର ବ୍ୟବହାର ।

(ଘ) ପଠନ ପାଇଁ ପ୍ରଚୁର ସୁଯୋଗ ।

ତୁମର ମତାମତର କାରଣ ଉଲ୍ଲେଖ କର ।

ଉତ୍ତର: ______________________________

______________________________

______________________________

୨. ପଠନ ଶିକ୍ଷାର ପୃଷ୍ଠଭୂମି ସଂବଳିତ ପଠନ ସାମଗ୍ରୀର ବିଶେଷତ୍ୱ କ'ଣ ?

ଉତ୍ତର: ______________________________

______________________________

______________________________

୩. ଶ୍ରେଣୀ ପାଠାଗାର କହିଲେ କ'ଣ କୁହାଯାଏ ? ତୁମେ କିପରି ଏହାର ବ୍ୟବହାର କରନ୍ତି ?

ଉତ୍ତର: ______________________________

______________________________

______________________________

### ୫.୪.୩ ପଠନ କୌଶଳ ଶିକ୍ଷାଦାନ ପଦ୍ଧତି

ଉପରେ ପଠନ କୌଶଳ ଶିକ୍ଷାଦାନ ନିମିତ୍ତ ପ୍ରଚଳିତ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋଚନା କରାଗଲା । ସେସବୁରେ କିଛିନା କିଛି ଦୋଷ ଦୁର୍ବଳତା ରହିଛି । ସେ ସବୁ ପ୍ରତି ଧ୍ୟାନ ଦେଇ ଆଉକିଛି କୌଶଳ ଓ ଅଭ୍ୟାସ କାର୍ଯ୍ୟ ନିମ୍ନରେ ପ୍ରଦତ୍ତ ହେଲା । ପ୍ରଚଳିତ ପାରମ୍ପରିକ ପଦ୍ଧତିରେ ପଠନ ପ୍ରକିୟା ଶିଖାଉଥିବା ଏହି ନୂଆ ପଦ୍ଧତି ଗୁଡ଼ିକ ଯଦି ଉପଯୋଗୀ ଓ ଆଗ୍ରହଜନକ ହୋଇଥାନ୍ତା, ଏସବୁ ନୂଆ କଥା ଆଦୌ ମନକୁ ଆସନ୍ତା ନାହିଁ ।

ଟିପ୍ପଣୀ

### ❍ ବହିରୁ ଆରମ୍ଭ

ପଠନ ଶିକ୍ଷାଦାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବହିପଢ଼ିବା । ତେଣୁ ବହି ମାଧ୍ୟମରେ ପଠନ ଶିକ୍ଷା ଆରମ୍ଭ କରିବା ଉଚିତ । ଅବଶ୍ୟ ସମୟେ ସମୟେ ଫ୍ଲାଶ୍ କାର୍ଡ଼, ଚାର୍ଟ, କାଠ ଅକ୍ଷର ବ୍ୟବହାର କରାଯାଇପାରେ । କିନ୍ତୁ ପଠନ ଶିକ୍ଷାରେ ମୁଖ୍ୟ ଭୂମିକା ବହିର । ତେବେ ଏଥିପାଇଁ କେଉଁ ପ୍ରକାରର ବହି ଦରକାର ଓ କିପରି ସେଗୁଡ଼ିକୁ ବ୍ୟବହାର କରାଯିବ ସେ ବିଷୟରେ ଆମେ ଜାଣିବା ଆବଶ୍ୟକ । ଗଳ୍ପ ଚୟନ ବା ସଂଗ୍ରହ ବେଳେ କେତେକ ବିଷୟ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ । ଗପଗୁଡ଼ିକ ସହଜ, ସରଳ ଓ ପିଲାଙ୍କ ବୋଧଗମ୍ୟତା ଭିତରେ ହେବ । ଆବଶ୍ୟକ ସ୍ଥଳେ ଚିତ୍ର ରହିଥିବ । ସେଗୁଡ଼ିକ ଛପାହୋଇଥିବ କିମ୍ବା ଭଲ ହସ୍ତାକ୍ଷରରେ ଲେଖାଯାଇଥିବ । ପିଲାମାନେ ବି ସହାୟକ ଚିତ୍ରାବଳୀ ଆଙ୍କି ପାରିବେ । ଗଳ୍ପକୁ ମିଶାଇ ପଦ୍ୟ, ଗୀତ, ଗୀତିନାଟ୍ୟ ପ୍ରଭୃତି ଏଇ ସଂଗ୍ରହରେ ସାମିଲ୍ ହେବା ଉଚିତ୍ ।

### ❍ ବହିଟିଏ ପଢ଼ି ପିଲାଙ୍କୁ ଶୁଣାଇବା

ଶିକ୍ଷକ ବଡ଼ପାଟିରେ ବହି ପଢ଼ି ଶୁଣାଇବେ । ପିଲାମାନେ ତାଙ୍କ ଚାରିପାର୍ଶ୍ୱରେ ବୃତ୍ତାକାରରେ ଘେରି ବସିବେ । ଶ୍ରେଣୀର କିଛିପିଲା ବସିବେ । ଅବଶିଷ୍ଟ ପିଲା ଆଉ ଏକଦଳ ହୋଇ ଅନ୍ୟ ଆନନ୍ଦଦାୟକ କାମରେ ଲାଗିବେ । ପିଲାମାନେ ଯେମିତି ଶିକ୍ଷକ ପଢ଼ି ଶୁଣାଉଥିବା ବହିର ପୃଷ୍ଠା ଦେଖି ପାରୁଥିବେ । ବହି ପଢୁଥିବା ବେଳେ ବହିପାଠରେ ନିଜମନରୁ କିଛି ମିଶାଇ ବନେଇ ଚୁନେଇ କହିବେ । କେତେକ ବହି ବର୍ଣ୍ଣନା ବହୁଳ । ପାଠ ଲମ୍ବା ହେଲେ ସେଥିପ୍ରତି ପିଲାଙ୍କ ଧ୍ୟାନ ବହୁସମୟ ଧରି ରହିବ ନାହିଁ । ସେପରି କ୍ଷେତ୍ରରେ ଶିକ୍ଷକ ଅନାବଶ୍ୟକ ବର୍ଣ୍ଣନା କୁ ବାଦ ଦେଇ କାହାଣୀକୁ ସଂକ୍ଷିପ୍ତ କରି କହିବେ । ଯଦି ଗୋଟିଏ ପୃଷ୍ଠାରେ ମାତ୍ର ଧାଡ଼ିଏ କି ଦି' ଧାଡ଼ି ଥାଏ ସେଥିରେ ଆଉ କିଛି ଯୋଡ଼ିବାକୁ ହେବ । ପିଲାମାନେ ବହିର ସବୁଚିତ୍ର ଦେଖିବେ ଏବଂ ପ୍ରତ୍ୟେକ ଚିତ୍ର ଉପରେ ଆଲୋଚନା ହେବ ।

### ❍ କବିତା ଆବୃତ୍ତି ଓ ଗୀତଗାଇବା

ଆଗାମୀ ବିଷୟ ବସ୍ତୁ ବା ଘଟଣାକ୍ରମର ଅନୁମାନ ଏକ ଉତ୍ତମ ପଠନ କୌଶଳ । ଏହି କୌଶଳ ବିକାଶରେ ପଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି ନିୟମିତ ଭାବରେ ପଦ୍ୟ ପଢ଼ି ଶୁଣାଯାଏ ତେବେ ସେମାନଙ୍କ ପାଇଁ ଭାଷା ଗଠନଶୈଳୀକୁ ଆଦର କରିବାର ଯଥେଷ୍ଟ ସୁଯୋଗ ମିଳେ । ଗୀତ ମନେରଖିବା ପିଲାଙ୍କ ପାଇଁ ସହଜ । କାରଣ ଏଥିପାଇଁ ବେଶୀ ଚେଷ୍ଟା କରିବାକୁ ପଡ଼େ ନାହିଁ । ପିଲାମାନଙ୍କୁ ଶିକ୍ଷକ ଏମିତି ଗୀତ ବା ପଦ୍ୟ ଶିଖାଇବେ ଯାହାକି ସଂକ୍ଷିପ୍ତ, ସହଜ, ସ୍ୱତଃସ୍ଫୁର୍ତ୍ତ, ହୋଇଥିବ । ସେମାନେ ତାହା ଚକାଭଉଁରୀ ଖେଳିବା ବେଳେ, ଦଉଡ଼ିଡ଼ିଆଁ ଖେଳିଲାବେଳେ, ଖେଳଖେଳିବା ବେଳେ ଗାଇପାରିବେ । ଏହି ଶିଶୁ କବିତା ସଂଚୟନରେ ଲୋକଗୀତ ତ ନିଶ୍ଚୟ ରହିବ । ଗୀତ ଗଡ଼ିକୁ କ୍ଷୁଦ୍ର ପୁସ୍ତିକା ଆକାରରେ ପ୍ରକାଶ କରି ହେବ । କବିତା ଗୁଡ଼ିକ ସୁନ୍ଦର, ପରିଷ୍କାର ଭାବରେ ଲେଖା ହେବ । ଲେଖା ସହିତ ଚିତ୍ରବି ରହିବ । ଶିକ୍ଷକ ଏହି ପୁସ୍ତିକା ପ୍ରସ୍ତୁତ କରିବେ। ଏଥିପାଇଁ ଉପର ଶ୍ରେଣୀର ପିଲାଙ୍କ ସାହାଯ୍ୟ ନେଇପାରିବେ ।

ଅନ୍ୟବହି ପଢ଼ିଶୁଣାଇବା ପଦ୍ଧତିରେ ଶିକ୍ଷକ ଏହି ଗୀତ ସବୁ ପଢ଼ି ଶୁଣେଇବେ । ପିଲାଏ ବୃତ୍ତାକାରରେ ବସିବେ । ବହିରହିବ ମଝିରେ । ଦୁଇଚାରିଥର ପଦ୍ୟଟି ପଠନ କରାଯିବ । ତା'ପରେ ପିଲେ ଗୀତଟିକୁ ବହି ନ ଦେଖି ଗାଇବେ । ପଦ୍ୟଟି ଯଦି ଭଲ ହୋଇଥିବ, ଗାଇ ଗାଇ ମନେ ରହିଯିବ । ଯେତେବେଳେ ପଢ଼ିବେ

## ପଠନ

ପରବର୍ତ୍ତୀ ଶବ୍ଦ କ'ଣ ହୋଇଥିବ ତାହା ସହଜରେ ଅନୁମାନ କରିପାରିବେ । ତଳେ କେତୋଟି କବିତା ଉଦ୍ଧାର କରାଯାଇଛି । ସେଗୁଡ଼ିକ ଶ୍ରେଣୀରେ ପଠନ ପାଇଁ ବ୍ୟବହାର କରିହେବ । ଆପଣ ଏମିତି ଅନ୍ୟ କିଛି କବିତା ସଂଗ୍ରହ କରନ୍ତୁ; ବିଭିନ୍ନ ଶୈଳୀରେ ସେଗୁଡ଼ିକୁ ପିଲାଙ୍କ ପଠନ ପାଇଁ ବ୍ୟବହାର କରନ୍ତୁ । ଚତୁର୍ଥଶ୍ରେଣୀ ପାଇଁ ଉଦ୍ଦିଷ୍ଟ ନିମ୍ନଲିଖିତ କବିତାଟିକୁ ଦେଖନ୍ତୁ :

The Quarrel

I quarreled with my mother,
I don' t know what about,
One thing led to another
And somehow we fell out.
The start of it was slight,
Theend of it was strong,
He said he was right,
I knew he was wrong!
we hated one another.
The afternoon turned black.
Then suddenly my brother
Thumped me on the back,
And said, 'oh, come along!
We can' t go on all night-
I was in the wrong.'
So he was in the right.

- Eleanor Farjeon-

ଏହି ପରି କବିତା ପଠନ କରିବା, ପଠନରୁ ଆନନ୍ଦ ପାଇବା; ଏପରି କବିତା ରଚନା କରି ପିଲା ଯେତେ ଶିଖିପାରନ୍ତେ; 'a' for 'apple' କହି ସେତେ ଶିଖାଇ ପାରନ୍ତେ ନାହିଁ । କିମ୍ବା ନିମ୍ନ ପ୍ରଦତ୍ତ କବିତାଟିକୁ ଅନୁଶୀଳନ କରନ୍ତୁ । ମାଧ୍ୟମିକ ବା ଉଚ୍ଚ ପ୍ରାଥମିକ ଶ୍ରେଣୀରେ ଏହା ପଢ଼ାଯାଇପାରିବ :

I went to the pictures tomorrow,
I took a front seat at the back:
I fell from the pit to the gallery,
And broke a front bone in my back.
A lady she gave me some chocolate,
I ate it and gave it her back
I phoned for a taxi and walked it,
And that' s why I never came back,

ପିଲାମାନେ ଯଦି ଏହି କବିତାକୁ ପଠନ କରି ଆନନ୍ଦ ଅନୁଭବ କରିବେ; ତାହାହେଲେ ଇଂରାଜୀ ବା ନିଜ ଭାଷାରେ ଅନୁରୂପ କବିତା ରଚନା କରିପାରିବେ । ସେମାନେ ବି ଶ୍ରେଣୀ ବ୍ୟବହୃତ ଭାଷାରେ ଏହାକୁ ଅନୁବାଦ କରିବା ପାଇଁ ଚେଷ୍ଟା କରିପାରିବେ ।

ଟିପ୍ପଣୀ

ଟିପ୍ପଣୀ

## ନିଜ ପ୍ରଗତିକୁ ପରିଖି ଦେଖ - ୫

୧. ପଠନ ଶିକ୍ଷାଦାନ ପ୍ରୟାସ ବ୍ୟବହାର କରି ଆରମ୍ଭ ହେବା ଅପେକ୍ଷାକୃତ ଭଲ ।

(ଗୋଟିଏ ଉତ୍ତର ଶେଷରେ ଠିକ୍ ଚିହ୍ନ ( ✔ ) ଦିଅ ।)

(କ) ଫ୍ଲାଶ୍ କାର୍ଡ୍

(ଖ) ଚାର୍ଟ

(ଗ) କାଠ ଖୋଦେଇ ଅକ୍ଷର ଓ ଏହିପରି ଅନ୍ୟାନ୍ୟ ଉପକରଣ

(ଘ) ବହି

୨. ପ୍ରଚଳିତ ପାରମ୍ପାରିକ ପଦ୍ଧତି ତୁଳନାରେ ପଠନ ଶିକ୍ଷାଦାନ ପାଇଁ ଆଉକିଛି ନୂତନ କୌଶଳ ଅବଲମ୍ବନ କରାଯାଇପାରିବ ?

ଉତ୍ତର: ____________________

୩. ପିଲାଙ୍କୁ ଗୀତ ପଢ଼ିଶିଖେଇବା କାହିଁକି ଅପେକ୍ଷାକୃତ ସହଜ ?

ଉତ୍ତର: ____________________

୪. ପଠନ ଶିକ୍ଷାର ପୃଷ୍ଠଭୂମି ସଂବଳିତ ପଠନ ସାମଗ୍ରୀର ବିଶେଷତ୍ୱ କ'ଣ ?

ଉତ୍ତର: ____________________

୫. ଶ୍ରେଣୀ ପାଠାଗାର କହିଲେ କ'ଣ କୁହାଯାଏ ? ତୁମେ କିପରି ଏହାର ବ୍ୟବହାର କରନ୍ତି ?

ଉତ୍ତର: ____________________

### ୫.୪.୪ ପଠନ ନିମିତ୍ତ କିଛି ଶିକ୍ଷଣ କାର୍ଯ୍ୟ



- **ବର୍ଣ୍ଣ ପରିଚୟ**

ବର୍ଣ୍ଣ ପରିଚୟ ପଠନ ଶିକ୍ଷଣ ସାମଗ୍ରୀ ଆଗ୍ରହ ଜନକ ହୋଇଥିଲେ, ପିଲାମାନେ ମନଧ୍ୟାନ ଦେଇ ତାକୁ କରିବା ପାଇଁ ଲାଗିପାଡ଼ନ୍ତି । ଅଭ୍ୟାସ କରୁ କରୁ ବର୍ଣ୍ଣଗୁଡ଼ିକୁ ଆପେ ଆପେ ଶିଖି ଯାଆନ୍ତି । ଠିକ୍ ସହିପରି ତାଙ୍କ ଚାରି ପାର୍ଶ୍ୱରେ ଉପଲବ୍ଧ ଧ୍ୱନିଗୁଡ଼ିକୁ ବି ଆପଣାଇ ଥାଆନ୍ତି । ଶିକ୍ଷଣ ପ୍ରକ୍ରିୟାରେ ପାଠ ଅଭ୍ୟାସ କାମ ଖୁବ୍ ଲାଭଦାୟକ, ଯଥା ଗପ ଓ ଗୀତ ଭିତ୍ତିରେ ବର୍ଣ୍ଣମାଳା ପରିଚୟ ଯେତିକି ସହଜ ସେତିକି ଉପଯୋଗୀ । ଗୋଟିଏ ଗୀତକୁ ବାରମ୍ବାର ଗାଇସାରିଲାପରେ ଗୀତରେ ବାରମ୍ବାର ବ୍ୟବହୃତ ହୋଇ ଥିବା ଏକ ନିର୍ଦ୍ଦିଷ୍ଟ ଅକ୍ଷର ଉପରେ ଗୋଲ ବୁଲେଇବା ପାଇଁ ପିଲାଙ୍କୁ କୁହାଯିବ । ଯେଉଁ ଶବ୍ଦରେ ଏହି ଅକ୍ଷର ଗୁଡ଼ିକର ଯଥା 'b' 'd' 'm' ଇତ୍ୟାଦିର ପୁନରାବୃତ୍ତି ହୋଇଥିବ ସେଗୁଡ଼ିକର ତାଲିକା କରିବେ । ଯେଉଁ ଶବ୍ଦ ଗୁଡ଼ିକରେ 'u' ଓ 'v' ଅଛି ସେଗୁଡ଼ିକୁ ଚିହ୍ନିବେ । ଆମେ କଳାପଟରେ କିଛି ନୂଆ ଶବ୍ଦ ଲେଖିବା; ପିଲା ସେଥିରେ ଥିବା ଅକ୍ଷର ଗୁଡ଼ିକୁ ଚିହ୍ନିବେ । ଏ କଥା ମନେରଖିବାକୁ ହେବଯେ ରୋମାନ୍(ଇଂରାଜୀ) ବର୍ଣ୍ଣମାଳାର ଧ୍ୱନି ଓ ଅକ୍ଷର (ଲିପି) ରୂପ, ସମୟେ ସମୟେ ବିଶେଷତଃ ଭାରତୀୟ ଉଚ୍ଚାରଣ ପଦ୍ଧତି ସହିତ ସମାନ ନୁହେଁ । ଏହି ବୈଷମ୍ୟ ବିଷୟରେ ପିଲାମାନଙ୍କୁ କହିଦେଲେ ସେମାନେ ଆପେ ଆପେ ସୂତ୍ରଗୁଡ଼ିକ ଆପଣେଇ ନେବେ । ଏପରିଭାଷା ଶିକ୍ଷା ଅଭ୍ୟାସ ଆଞ୍ଚଳିକ ଭାଷା ଶ୍ରେଣୀ ମାନଙ୍କର ହେବା ଉଚିତ । ଉଦାହରଣ ସ୍ୱରୂପ chalk, chain, child, teacher, bench ରେ 'ch' (ଉଭୟ ଇଂରାଜୀ ଓ ଓଡିଆରେ) **'ଚ'** ଉଚ୍ଚାରିତ ହୁଏ । କିନ୍ତୁ ache (headache), Monarch, chorus ଆଜି 'ch' ର ଉଚ୍ଚାରଣ **'କ'** ଏବଂ brochure ରେ 'ch' **'ଷ'** ଧ୍ୱନିରୂପ ନେଇଥାଏ ।

- **ଯାହା ପଢ଼ିବା ତାହା କରିବା**

ଯେଉଁ ପିଲାମାନେ ପଢ଼ିଶିଖିଲେଣି ସେମାନେ ପଠନ ଆଧାରରେ କାର୍ଯ୍ୟ କରି ଶିଖିବେ । ଏହି ଶିକ୍ଷଣ ଅଭ୍ୟାସରେ ଶିକ୍ଷକ କଳାପଟା ପାଖରେ ଠିଆ ହେବେ, କିଛି କହିବେନି । କଳାପଟାରେ କିଛି ସାନ ସାନ ନିର୍ଦ୍ଦେଶ (କାମ କରିବା ପାଇଁ) ଲେଖିବେ । ଶ୍ରେଣୀରେ ଥିବା ପ୍ରତ୍ୟେକ ପିଲାଙ୍କୁ କ୍ରମିକ ସଂଖ୍ୟା ନାମିତ କରିବେ ଯଥା ଅପର୍ଣ୍ଣା -୧, ରମଣ-୨, ସତୀଶ -୩, ଅଙ୍କିତା -୪.............. ନିର୍ଦ୍ଦେଶ ଗୁଡ଼ିକ ହୋଇପାରେ: 'ଠିଆହୁଅ, ବହାରକୁ ଯାଅ, ପଥର ଖଣ୍ଡିଏ ଆଣ । - ୫; ଯେଉଁ ପିଲାର କ୍ରମସଂଖ୍ୟା ୫; ସେ କଳାପଟାରେ ନିର୍ଦ୍ଦେଶ ପଢ଼ିବ ଓ ସେହି ଅନୁସାରେ କାମକରିବ । ଏହିକ୍ରମରେ ସବୁପିଲା ପଢ଼ିବେ ଓ କାମକରିବେ । ଧୀରେ ଧୀରେ ନିର୍ଦ୍ଦେଶବଳୀ ଜଟିଳକୁ ଜଟିଳତର କାମପାଇଁ ଉଦ୍ଦିଷ୍ଟ ହେବ । ଉଦାହରଣ ସ୍ୱରୂପ ପିଲାମାନେ କାନ୍ଥ ପୋଷ୍ଟରରେ ଥିବା କୌଣସି ନିର୍ଦ୍ଦିଷ୍ଟ ତଥ୍ୟକୁ ଖୋଜି ଚିହ୍ନିବେ; ମାନଚିତ୍ରରୁ ଡ଼ାକ୍ତରଖାନକୁ ବାଟ ଦେଖାଇବେ; ବାହାରକୁ ଯାଇ ଆଖପାଖରେ ଥିବା ଗଛଗୁଡ଼ିକର ସଂଖ୍ୟା ଗଣି କହିବେ ।

- **ପୂର୍ବଶବ୍ଦ - ପରଶବ୍ଦ**

ଏହି ପଠନ ଶିକ୍ଷା ଅଭ୍ୟାସ କାର୍ଯ୍ୟ ପାଇଁ ବହୁସଂଖ୍ୟାର ବହି ଦରକାର । ପିଲାଙ୍କ ଭିତରେ ବହି ବାଣ୍ଟି ଦିଅନ୍ତୁ । ପ୍ରତିପିଲା ଯେମିତି ଖଣ୍ଡେ ବହି ପାଇବ । ପିଲାଙ୍କୁ କୁହନ୍ତୁ ସେମାନେ ନିଜ ନିଜ ବହିର ଯେକୌଣସି ପୃଷ୍ଠା ଖୋଲନ୍ତୁ; ପୃଷ୍ଠାର ଡ଼ାହାଣ ପଟ ତଳ କଣକୁ ଦେଖନ୍ତୁ । କଣର ତଳ ଧାଡ଼ିରେ ପୂର୍ଣ୍ଣଚ୍ଛେଦ ଅଛିକି ନାହିଁ ଦେଖନ୍ତୁ । ଯଦି ଅଛି, ଅନ୍ୟ ଏକ ପୃଷ୍ଠା ଖୋଲନ୍ତୁ । ଏପରି ଏକ ପୃଷ୍ଠା ଖୋଜନ୍ତୁ ଯାହାର ଶେଷରେ ପୂର୍ଣ୍ଣଚ୍ଛେଦ

ଟିପ୍ପଣୀ

ନଥିବ । ସେ ପୃଷ୍ଠାକୁ ନୀରବରେ ପଢ଼ନ୍ତୁ । ପଢ଼ିସାରିଲେ ପୃଷ୍ଠା ଶେଷରେ ଅଟକି ଯାଆନ୍ତୁ । କେହି ପୃଷ୍ଠା ଓଲଟାଇବେ ନାହିଁ । ବର୍ତ୍ତମାନ ପିଲାଙ୍କୁ ପଚାରନ୍ତୁ ପରପୃଷ୍ଠା କେଉଁ ଶବ୍ଦଟି କ'ଣ ବୋଲି ସେମାନେ ଅନୁମାନ କରୁଛନ୍ତି । ପ୍ରତ୍ୟେକ ପିଲା ନିଜନିଜର ଶବ୍ଦଟି କହିବେ । ଶବ୍ଦଟି କହିସାରିଲା ପରେ ପରପୃଷ୍ଠା ଓଲଟାଇ ସେମାନେ ଅନୁମାନ କରିଥିବା ଶବ୍ଦଟି ଅଛି କି ନାହିଁ ଦେଖନ୍ତୁ । ଯଦି ସେମାନଙ୍କ ଅନୁମାନ ସତ ହେଲା ଶ୍ରେଣୀର ସବୁପିଲା କରତାଳି ଦେଇ ଉତ୍ସାହିତ କରିବେ । ଶବ୍ଦ ଅନୁମାନ ଓ ଭାବ ବିନିମୟ ପରେ ପୁଣି ଆଉ ଏକ ପୃଷ୍ଠା ଖୋଲି ଏହିପରି ପଠନ ଅଭ୍ୟାସ କାର୍ଯ୍ୟ ଚାଲୁ ରଖନ୍ତୁ । ଏହା ପିଲାଙ୍କ ପାଇଁ ଆନନ୍ଦଦାୟକ ତଥା ଉତ୍ସାହ ଜନକ ହେବ ।

### ନିଜ ପ୍ରଗତିକୁ ପରିଖି ଦେଖ - ୬

୧. ପଠନ ଶିକ୍ଷା ପାଇଁ ଦୁଇଟି ନୂଆ ଶିକ୍ଷଣ ଅଭ୍ୟାସ ମୂଳକ କାର୍ଯ୍ୟ ପ୍ରସ୍ତୁତ କର ।

ଉତ୍ତର: ______________________________

______________________________

______________________________

୨. ଶିକ୍ଷଣ ଅଭ୍ୟାସ ମୂଳକ କାର୍ଯ୍ୟ କିପରି ପଠନ ଶିକ୍ଷା ପ୍ରକ୍ରିୟାରେ ସହାୟକ ହୋଇ ଥାଏ ?

ଉତ୍ତର: ______________________________

______________________________

______________________________

### ୫.୫ ପଠନ ଓ ଲିଖନ ମଧ୍ୟରେ ସମ୍ବନ୍ଧ

ପଠନ ଓ ଲିଖନ ସାଧାରଣତଃ ଦୁଇଟି ଭିନ୍ନ ଭିନ୍ନ ଦକ୍ଷତା ଭାବେ ବିବେଚନା କରାଯାଇଥାଏ । ବିଶ୍ୱାସ କରାଯାଏ ପଠନ ହେଉଛି ଲିଖିତ ପାଠର ଅର୍ଥଗ୍ରହଣ ପ୍ରକ୍ରିୟା । ସେହିପରି ଲିଖନ ହେଉଛି ସୃଜନ ଦକ୍ଷତା – ମନୋଭାବ ପରିପ୍ରକାଶର ଲେଖାରୂପ । ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଏହି କୌଶଳ ଗୁଡ଼ିକ ଅନୁକ୍ରମିକ – ଗୋଟିଏ ଆଉ ଗୋଟିଏକୁ ଅନୁସରଣ କରେ । ଆମେ ପିଲାଙ୍କୁ ପ୍ରଥମେ ପଠନ ଓ ତା'ପରେ ଲିଖନ ଶିଖାଉ । କିନ୍ତୁ ସଦ୍ୟ ପ୍ରବର୍ତ୍ତିତ ଚିନ୍ତାଧାରା ଅନୁଯାୟୀ ପଠନ ଓ ଲିଖନ ଦୁଇଟି ଭିନ୍ନ ଦକ୍ଷତା ନୁହନ୍ତି । ବରଂ ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ । ପଠନ ଦକ୍ଷତା ବିନା ଲିଖନ ପ୍ରକ୍ରିୟା ସହଜ ନୁହେଁ । ଏପରି ଅନେ ଉପାଦାନ ରହିଛି ଯାହା ପାଇଁ ସେମାନେ ପରସ୍ପର ପରିପୂରକ । ଯେପରିକି ଅର୍ଥ ବା ଭାବ ସୃଷ୍ଟି ପାଇଁ ଶବ୍ଦ ମାନଙ୍କ ବ୍ୟବହାର ନିହାତି ଆବଶ୍ୟକ । ସେହିପରି ପଠନ ସମୟରେ ପାଠକ ଭାବ ଗ୍ରହଣ କରିଥାଏ । ପଠନର ପ୍ରାରମ୍ଭିକ ସ୍ତରରେ ପାଠକ ମନରେ ଯେଉଁ ଭାବ ସୃଷ୍ଟି ହୋଇଥାଏ ଧୀରେ ଧୀରେ ସେ ଅର୍ଥ ବଦଳି ଚାଲିଥାଏ ବା ଉପଯୋଗୀ ହୋଇଥାଏ । ସେହିପରି ଲେଖିବା ସମୟରେ ଆମେ ଆମ ଲେଖାକୁ ବାରମ୍ବାର ପରିବର୍ତ୍ତନ ବା ସଂଶୋଧନ କରିଥାଉ । ଆମେ ଉଭୟ ପଠନ ଓ ଲିଖନ ପ୍ରକ୍ରିୟାରେ ଭାବ ସଂରଚନା କରିଥାଉ । ଉଦାହରଣ ସ୍ୱରୂପ ପିଲାଟିଏ ଯେତେବେଳେ ଦେଖେ ମାଆ କ୍ୟାଲେଣ୍ଡରର ନିର୍ଦ୍ଦିଷ୍ଟ ତାରିଖ ତଳେ ଲେଖନ୍ତି "ଗ୍ୟାସ୍ ସିଲିଣ୍ଡର ବଦଳିବ", ସେ କେବଳ ଲେଖା ପ୍ରଣାଳୀକୁ ନିରୀକ୍ଷଣ କରୁଥାଏ । ଏକଥା ସୁସ୍ପଷ୍ଟ ଯେ ପିଲାଟିର ଏହି ପଠନ ପ୍ରକ୍ରିୟା ସହିତ ଆହୁରି ଅନେକ ଦକ୍ଷତା ସଂଶ୍ଳିଷ୍ଟ । ଏହି ପ୍ରକ୍ରିୟା ରେ ପଠନ ଓ ଲିଖନ ସମ୍ବନ୍ଧୀୟ ଅନେକ ଭାବନା ଓ ଧାରଣା ଜଡ଼ିତ । ସ୍ମରଣ ରଖିବାକୁ ହେବ ଯେ ଏହିପରି ପ୍ରକ୍ରିୟା ପ୍ରାୟ ସମସ୍ତଙ୍କ ଘରେ ଘଟୁଛି । ଏପରିକି ଯେଉଁଠି ପଢ଼ିବାକୁ ଖବରକାଗଜଟିଏ କିମ୍ବା ପତ୍ରିକାଖଣ୍ଡେ ମିଳିବା ମୁସ୍କିଲ୍ ସେଠାରେ ବି ଏମିତି ଘଟିଥାଏ । ପିଲା ଯଦି ଥରୁଟିଏ ପାଇଁ ମାଆ କ'ଣ କରୁଛନ୍ତି ବୁଝିନିଏ ତେବେ ସେ କ୍ୟାଲେଣ୍ଡରକୁ ଅନ୍ୟପ୍ରକାରରେ ବ୍ୟବହାର କରିବ । ଯେପରିକି ତା'ର ଯଦି ଅଜାଘରକୁ ଅକ୍ଟୋବର ୨୨ ତାରିଖରେ ଯିବାର ଥାଏ, ତେବେ ସେହି ତାରିଖ ଉପରେ ମୁହଁ ଛବି ଆଙ୍କି ଚିହ୍ନିତ କରିବ । ଏଥିପାଇଁ ସେ ତା' ବଡ଼ ଭାଇ ଭଉଣୀ କିମ୍ବା ବାପା ମାଆଙ୍କ ସାହାଯ୍ୟ ଆବଶ୍ୟକ କରିପାରେ । ଏପରିକି ପିଲାମାନେ ବିଦ୍ୟାଳୟରେ ଭର୍ତ୍ତିହେବା ପୂର୍ବରୁ ବି ଅନେକ କାର୍ଯ୍ୟ ପ୍ରଣାଳୀ ସଂସ୍ପର୍ଶରେ ଆସି ଲେଖା ଓ ପଢ଼ା ସଂମ୍ପର୍କରେ ଧାରଣା ଅର୍ଜନ କରିଥାଅନ୍ତି ।

ଟିପ୍ପଣୀ

ଟିପ୍ପଣୀ

### ନିଜ ପ୍ରଗତିକୁ ପରିଖି ଦେଖ - ୭

୧. ଲିଖନ ଓ ପଠନକୁ ଦୁଇଟି ଭିନ୍ନ ଭିନ୍ନ ଦକ୍ଷତା ଭାବେ ବିବେଚନା କରିବାର କାରଣ କ'ଣ ?

ଉତ୍ତର: ____________________

____________________

____________________

୨. ଲିଖନ ଓ ପଠନ ମଧ୍ୟରେ କି ସାମଂଜସ୍ୟ ରହିଛି ?

ଉତ୍ତର: ____________________

____________________

____________________

## ୫.୬ ସାରାଂଶ

ଅଧ୍ୟୟନ ବା ପଠନ ହେଉଛି ଏକ ସୃଜନାତ୍ମକ ପ୍ରୟାସ । ଲିଖିତ ପାଠକୁ ଉଚ୍ଚାରଣ କରିବା ପଠନ ନୁହେଁ । ପଢ଼ିଲାବେଳେ ଆମେ ଲିଖିତ ପାଠର ପ୍ରତିଅଂଶକୁ ଗୋଟି ଗୋଟି କରି ପଢ଼ି ନଥାଉ । ବରଂ ପାଠର ସାମଗ୍ରିକ ରୂପ ଉପରେ ଧ୍ୟାନ ଦେଇଥାଉ । କଳ୍ପନା ଓ ଅନୁମାନ ବଳରେ ପାଠର ଅନେକ ବିଷୟ ବସ୍ତୁ ବୁଝି ହୁଏ । କଳ୍ପନା ବା ଅନୁମାନ ପଠନର ମୁଖ୍ୟ କୌଶଳ ।

ଅକ୍ଷର ଓ ଶବ୍ଦକୁ ଗୋଟି ଗୋଟି କରି ପଢିବା, ସୂତ୍ର ମୁଖସ୍ଥ କରିବା, ସଂପୂର୍ଣ୍ଣ ତ୍ରୁଟି ଶୂନ୍ୟତା ଉପରେ ଗୁରୁତ୍ୱ ଦେବା, ବାରମ୍ବାର ତ୍ରୁଟି ଧରିବା ପ୍ରଚଳିତ ପଠନ ଶିକ୍ଷାଦାନ ପଦ୍ଧତିର ବିଶେଷ ଅଂଶ । ଏସବୁ ପଠନ କୌଶଳରେ ପ୍ରଗତି ଆଣେ ନାହିଁ ବରଂ ପ୍ରତିବନ୍ଧକ ସୃଷ୍ଟି କରେ । ବର୍ତ୍ତମାନ ପରିପ୍ରେକ୍ଷୀରେ ପିଲାମାନଙ୍କୁ ପ୍ରସଙ୍ଗ ଭିତ୍ତିକ, ପୃଷ୍ଠଭୂମି ଆଧାରିତ, ଆଗ୍ରହ ଜନକ ପଠନ ସୁଯୋଗ ଉପଲବ୍ଧ କରାଇବା ନିତ୍ୟାନ୍ତ ଜରୁରୀ । ତା'ହେଲେ ପଠନ ପ୍ରକ୍ରିୟା ଆନନ୍ଦପୂର୍ଣ୍ଣ ଶିକ୍ଷଣ ପଦ୍ଧତିରେ ପରିଣତ ହୋଇ ପାରିବ ।



ଟିପ୍ପଣୀ

## ୫.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- Pandey, Lata (2008), Padhne Ki Dehlij Par, New Delhi, NCERT
- NCERT (2008), Padhne Ki Samajh, New Delhi, NCERT
- Joshi, Sushil (1989), Bache Padh Kyun Nahin Patti, Story Eklavya


## ୫.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଏହି ଅଧ୍ୟାୟରେ ଉପଲବ୍ଧ ପଠନ ସମ୍ବନ୍ଧୀୟ ମୁଖ୍ୟ ବିଷୟବସ୍ତୁ ଗୁଡ଼ିକ (Point) କ'ଣ ?

୨. 'ପଠନ' କହିଲେ କ'ଣ ବୁଝାଯାଏ ?

୩. ପିଲାମାନଙ୍କ ପଠନ ଦକ୍ଷତା ବୃଦ୍ଧି ପାଇଁ ଆମେ କାହାଣୀ ବା ଗପର ସାହାଯ୍ୟ ନେବା ଉଚିତ ହେବକି ? ଆପଣ ଯଦି ଏହି ଶିକ୍ଷାଦାନ ପଦ୍ଧତି ଠିକ୍ ବୋଲି ଭାବୁଥାନ୍ତି ତେବେ ଉଦାହରଣ ସହ ତାହା ବୁଝାଇ ଦିଅନ୍ତୁ ।

୪. ପଠନ ପ୍ରକ୍ରିୟାକୁ ଆନନ୍ଦମୟ କରିବାପାଇଁ କ'ଣ କ'ଣ କରିବାକୁ ହେବ ?

୫. ପଠନ କୌଶଳ ଶିକ୍ଷାଦାନ ପାଇଁ ପାଠ୍ୟପୁସ୍ତକ ବ୍ୟତୀତ ତୁମେ ଆଉ କି କି ଶିକ୍ଷା ଉପକରଣ ବ୍ୟବହାର କରିବ ?

୬. ପ୍ରଚଳିତ ପଠନ ଶିକ୍ଷାଦାନ ପଦ୍ଧତି ଗୁଡ଼ିକର ବିଶ୍ଳେଷଣ କର ।

୭. ଭାଷା ଶିକ୍ଷା ପାଇଁ କେଉଁଟି ସହଜ - ସାମଗ୍ରିକ ଶୈଳୀ ନା ଆଂଶିକ ପ୍ରଣାଳୀ ? ଉଦାହରଣ ଦେଇ ତୁମ ମତାମତର ସାର୍ଥକତା ପ୍ରତିପାଦନ କର ।

### ପରୀକ୍ଷାମୂଳକ କାର୍ଯ୍ୟ

୧. ତୁମ ଶ୍ରେଣୀରେ ପାଠାଗାର ବ୍ୟବସ୍ଥା କର । ଏହାକୁ ବ୍ୟବହାର କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କର ।

୨. ଶିଶୁଗୀତ ଓ ଶିଶୁ ସଂଗୀତର ସଂଗ୍ରହାଳୟ କର । ପିଲାଙ୍କ ପଠନ ଦକ୍ଷତା ବିକାଶ ପାଇଁ ତୁମେ ଏଗୁଡ଼ିକ କିପରି ବ୍ୟବହାର କରିବ ?